୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୩୯ ● ୬ ମାର୍ଚ୍ଚ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-39 ● 6th March 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



## ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ

DSPL-408



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସୁଭଦ୍ରା

କଥା ଦେଇ କଥା ରଖିଲେ ଆମ ସରକାର

ଉପ ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ
କରକମଳରେ

ଆଭାସି ମାଧ୍ୟମରେ

## ୨ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ

ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ
୧୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

୬ ମାର୍ଚ୍ଚ ୨୦୨୫ | ଅପରାହ୍ନ ୧୨.୩୦ | ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷ



ଆଜି ସୁଦ୍ଧା
୧ କୋଟିରୁ
ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ
୫,୦୦୦
କୋଟି ଟଙ୍କାରୁ ଉର୍ଦ୍ଧ୍ୱ
ସହାୟତା ରାଶି ପ୍ରଦାନ

OIPR : 33001/13/0076/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
The Sambad Kalika
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୩୯ ● ୬ ମାର୍ଚ୍ଚ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-39 ● 6th March 2025, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ଆମ ସରକାର ପୂରଣ କରିବ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ବିଜୁବାବୁ ଥିଲେ ଓଡିଶାର ପଥ ପ୍ରଦର୍ଶକ । ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଓଡିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ । ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବିଜୁ ବାବୁ ସମୃଦ୍ଧ ଓଡିଶା ଗଠନ ପାଇଁ ଚିନ୍ତା କରିଥିଲେ। ଆଜି ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି । ବିଜୁ ବାବୁ ଓଡିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ *(ପୃଷ୍ଠା ୭ରେ)*

## ଆସିଲେନି ନବୀନ

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ୫ ତାରିଖ ବୁଧବାର ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାକୁ ଆସିଲେ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ *(ପୃଷ୍ଠା ୭ରେ)*

# ଶିକ୍ଷା, ଦକ୍ଷତା ଓ ସ୍ୱାସ୍ଥ୍ୟସେବା ସରକାରଙ୍କ ପ୍ରାଥମିକତା

**ନୂଆଦିଲ୍ଲୀ, ୫।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ସରକାର ପୁଞ୍ଜିନିବେଶ କ୍ଷେତ୍ରରେ ଭିତ୍ତିଭୂମି, ଶିଳ୍ପ ସହିତ ଅର୍ଥନୀତି ଏବଂ ଉଦ୍ଭାବନକୁ ପ୍ରାଥମିକତା ଦେଇଛନ୍ତି। ନିଯୁକ୍ତି ଉପରେ ବଜେଟ ପରବର୍ତ୍ତୀ ୱେବିନାରରେ ମୋଦି କହିଛନ୍ତି ଯେ ଲୋକଙ୍କ କ୍ଷେତ୍ରରେ ପୁଞ୍ଜିନିବେଶ କରିବାର ଲକ୍ଷ୍ୟ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ ଓ ତାହା ହେଉଛି ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟସେବା । ସେ କହିଥିଲେ ଯେ ଅନେକ ଦଶନ୍ଧି ପରେ ଭାରତର ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଟେଲିମେଡିସିନ ସୁବିଧାକୁ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିସ୍ତାର କରାଯାଉଛି । ଡେ କେୟାର କ୍ୟାନସର ସେଣ୍ଟର ଓ ଡିଜିଟାଲ ହେଲଥ କେୟାର ଭିତ୍ତିଭୂମି ଜରିଆରେ ସରକାର ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଶେଷ ମାଇଲରେ ପହଞ୍ଚାଇବାକୁ ଚାହୁଁଛନ୍ତି । ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ଚଳିତ ବଜେଟରେ ଅନେକ ନିଷ୍ପତ୍ତି ନିଆଯାଇଛି।



କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ ପାଇଁ ଭାରତ ଏକ ଜାତୀୟ ବୃହତ ଭାଷା ମଡେଲ ପ୍ରତିଷ୍ଠା କରିବ ବୋଲି ଶ୍ରୀ ମୋଦି କହିଥିଲେ। ଏ ଦିଗରେ ଘରୋଇ କ୍ଷେତ୍ରକୁ ମଧ୍ୟ ବିଶ୍ୱଠାରୁ ଗୋଟିଏ ପାଦ ଆଗକୁ ଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଚଳିତ ବଜେଟରେ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି ବୋଲି ଶ୍ରୀ ମୋଦି କହିଛନ୍ତି । ଭାରତର ସମୃଦ୍ଧ ପାଣ୍ଡୁଲିପି ଐତିହ୍ୟ ସଂରକ୍ଷଣରେ ଜ୍ଞାନ ଭାରତମ ମିଶନର ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦି ଘୋଷଣା କରିଥିଲେ ଯେ ଏହି ମିଶନ ଅଧୀନରେ ଏକ କୋଟିରୁ ଅଧିକ ପାଣ୍ଡୁଲିପିକୁ ଡିଜିଟାଇଜ କରାଯିବ, ଯାହା ଦ୍ୱାରା ଏକ ଜାତୀୟ ଡିଜିଟାଲ ଭଣ୍ଡାର ସୃଷ୍ଟି ହେବ। ଏହି ଭଣ୍ଡାର ଭାରତର ଐତିହାସିକ ଏବଂ ପାରମ୍ପରିକ ଜ୍ଞାନକୁ ଉପଲବ୍ଧ କରାଇବାରେ ସମଗ୍ର ବିଶ୍ୱର ପଣ୍ଡିତ ଏବଂ ଗବେଷକମାନଙ୍କୁ ସକ୍ଷମ କରିବ ବୋଲି *(ପୃଷ୍ଠା ୭ରେ)*

## ତେଜସ୍ ପାଇଁ ଜୀବନ ରକ୍ଷାକାରୀ ବ୍ୟବସ୍ଥାର ସଫଳ ପରୀକ୍ଷଣ



**ନୂଆଦିଲ୍ଲୀ, ୫।୩**

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ)ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ବେଙ୍ଗାଲୁରୁସ୍ଥିତ ଡିଫେନ୍ସ ବାୟୋ-ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରୋମେଡିକାଲ ଲାବୋରେଟୋରୀ ହାଲୁକା ଯୁଦ୍ଧ ବିମାନ ତେଜସ ପାଇଁ ସ୍ୱଦେଶୀ ଅନ ବୋର୍ଡ ଅମ୍ଳଜାନ ସୃଷ୍ଟିକାରୀ ବ୍ୟବସ୍ଥା ଉପରେ ଆଧାରିତ ସମନ୍ୱିତ ଜୀବନ ରକ୍ଷାକାରୀ ବ୍ୟବସ୍ଥାର ସଫଳ ପରୀକ୍ଷଣ କରିଛି।

ସମନ୍ୱିତ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହେଉଛି ଏକ ଅତ୍ୟାଧୁନିକ ବ୍ୟବସ୍ଥା ଯାହା ପାରମ୍ପରିକ ତରଳ ଅମ୍ଳଜାନ ସିଲିଣ୍ଡର ଆଧାରିତ ପ୍ରଣାଳୀ ଉପରେ ନିର୍ଭରଶୀଳତାକୁ ଦୂର କରି ଉଡ଼ାଣ ସମୟରେ ପାଇଲଟଙ୍କ ପାଇଁ ନିଶ୍ୱାସଯୋଗ୍ୟ ଅମ୍ଳଜାନ ଉତ୍ପାଦନ ଏବଂ ନିୟନ୍ତ୍ରଣ ପାଇଁ ଡିଜାଇନ କରାଯାଇଛି। ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର ଏଲସିଏ-ପ୍ରୋଟୋଟାଇପ ଭେଇକିଲ -୩ ବିମାନରେ ଏହାର ସଠିକ ପରୀକ୍ଷଣ କରାଯାଇଥିଲା, ଯେଉଁଠାରେ ସମୁଦ୍ର ପତ୍ତନଠାରୁ ୫୦ ହଜାର ଫୁଟ ଉଚ୍ଚତା ଏବଂ ହାଇ-ଜି ଯୁଦ୍ଧାଭ୍ୟାସ ସମେତ ବିଭିନ୍ନ ଉଡ଼ାଣ ପରିସ୍ଥିତିରେ କଠୋର ଏରୋମେଡିକାଲ ମାନକ ଅଧୀନରେ ଏହାର କ୍ଷମତା ମୂଲ୍ୟାଙ୍କନ କରାଯାଇଥିଲା।

ଏହି ଉଲ୍ଲେଖନୀୟ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ବାୟୁସେନା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ପ୍ରତିରକ୍ଷା ଶିଳ୍ପର ସହଯୋଗୀମାନଙ୍କୁ *(ପୃଷ୍ଠା ୭ରେ)*

# ସୁଭଦ୍ରା ହିତାଧିକାରୀ ଚିହ୍ନଟ ପାଇଁ ଘର ଘର ବୁଲି ସର୍ଭେ ହେବ

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ସରକାରୀ ଅଧିକାରୀ ଘର ଘର ବୁଲି ସର୍ଭେ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ଲାଭ ପାଇଁ ଆବେଦନ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଘୋଷଣା କରିଥିଲେ। କିନ୍ତୁ କେତେକ ହିତାଧିକାରୀ ଆବେଦନ କରିବାରେ ସମସ୍ୟାରେ ପଡ଼ିଥିବା ଖବର ଦୃଷ୍ଟିକୁ ଆସିଛି। ଏବେ ସରକାରୀ ଅଧିକାରୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରକୁ ସର୍ଭେ କରି ବାଦ ପଡ଼ିଥିବା ସୁଭଦ୍ରା ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସାମିଲ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧ କୋଟି ୮ ଲକ୍ଷ ମହିଳା ଏହି ଯୋଜନାରେ ପଞ୍ଜିକୃତ ହୋଇଛନ୍ତି ।



କ୍ଷେତ୍ର ଯାଞ୍ଚ ପରେ, ଅବଶିଷ୍ଟ ମହିଳା ହିତାଧିକାରୀମାନେ ରକ୍ଷା ବନ୍ଧନରେ ଏକାଥରକେ ତିନୋଟି କିସ୍ତି ପାଇବେ। ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ, ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ଟଙ୍କା ବଣ୍ଟନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସୁଭଦ୍ରା ଯୋଜନା ମ୍ୟାଜିକ ସଂଖ୍ୟା ୧ କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସେ କହିଛନ୍ତି। ଶ୍ରୀମତୀ ପରିଡା ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ଯୋଜନା ଯାହା ମାତ୍ର ୮ ମାସ ପୂର୍ବେ ଆରମ୍ଭ ହୋଇଥିଲା, ଏହା ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରିଛି । ଆମେ ପୂର୍ବରୁ ୯୮ ଲକ୍ଷ ଟଙ୍କା ବଣ୍ଟନ କରିସାରିଛୁ ଏବଂ ପ୍ରଥମ ପର୍ଯ୍ୟାୟର ପଞ୍ଚମ କିସ୍ତି ମାର୍ଚ୍ଚ ୬ତାରିଖରେ ପ୍ରଦାନ କରାଯିବ।

# ସବୁ ସରକାରୀ-ପିଏମ୍ଶ୍ରୀ ସ୍କୁଲ ରଙ୍ଗ ଗେରୁଆ ହେବ

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସରକାରୀ ସ୍କୁଲ କୋଠାଗୁଡ଼ିକୁ ନୂତନ ରଙ୍ଗ କୋଡ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓଏସଇପିଏ) ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି।

ସରକାରୀ ଚିଠିରେ ଦର୍ଶାଯାଇଛି ଯେ, ସରକାର ନୂତନ ରଙ୍ଗ କୋଡ ଅନୁମୋଦନ କରିବାକୁ କହିଛନ୍ତି।

ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟରେ ନିର୍ମାଣ, ମରାମତି ଏବଂ ନବୀକରଣ କାର୍ଯ୍ୟ ସମୟରେ ଅନୁମୋଦିତ ରଙ୍ଗ କୋଡ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଛି । ଏହି ନିର୍ଦ୍ଦେଶ ସ୍କୁଲ କୋଠାଗୁଡ଼ିକର ରଙ୍ଗ କୋଡ ସମ୍ବନ୍ଧୀୟ ସମସ୍ତ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିବ।




ଚିଠିରେ ଦର୍ଶାଯାଇଛି ଯେ, ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକର ରଙ୍ଗ କୋଡ ଗେରୁଆ ରଙ୍ଗର ହେବ। ସ୍କୁଲଗୁଡ଼ିକର ନିର୍ମାଣ, ମରାମତି ଏବଂ ନବୀକରଣ ସମୟରେ ଏହା କାର୍ଯ୍ୟକାରୀ ହେବ।

# ସୋନପ୍ରୟାଗରୁ କେଦାରନାଥ ରୋପ୍ ୱେକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ, ୫।୩**

୧୨.୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ସୋନପ୍ରୟାଗରୁ କେଦାରନାଥ ରୋପ ୱେର ବିକାଶ ପାଇଁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରକଳ୍ପର ମୋଟ ମୂଲ୍ୟ ୪ ହଜାର କୋଟି ଟଙ୍କାରୁ ଅଧିକ ହେବ। ଏହି ରୋପ ୱେ ତୀର୍ଥଯାତ୍ରୀଙ୍କ ଯାତ୍ରା ସମୟକୁ ୮/୯ ଘଣ୍ଟାରୁ ୩୬ ମିନିଟକୁ ହ୍ରାସ କରିବ ବୋଲି ସେ କହିଛନ୍ତି । ଏହି ପ୍ରକଳ୍ପ ଦିବ୍ୟାଙ୍ଗ ଓ ବୟସ୍କ ଲୋକଙ୍କୁ ବହୁତ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

ହେମକୁଣ୍ଡ ସାହିବ ରୋପୱେର ମଧ୍ୟ ବିକାଶ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପର ସମୁଦାୟ ମୂଲ୍ୟ ୨ ହଜାର ୭୩୦ କୋଟି ଟଙ୍କା ହେବ ବୋଲି ସେ କହିଛନ୍ତି । ଏହି ରୋପୱେର ଲମ୍ବ ୧୨.୪ କିଲୋମିଟର ହେବ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୩ ହଜାର ୮୮୦ କୋଟି ଟଙ୍କା ବ୍ୟୟରେ ପଶୁସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିରାକରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି ଯେ ଟିକାକରଣ କାର୍ଯ୍ୟକ୍ରମ ଏହାର ଏକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେବ। ଏହା କୃଷକଙ୍କ ପାଇଁ ଲାଭଦାୟକ ହେବ ବୋଲି ସେ କହିଛନ୍ତି । ପଶୁ ଔଷଧ ମାଧ୍ୟମରେ ଉନ୍ନତମାନର ଏବଂ ସୁଲଭ ମୂଲ୍ୟର ଜେନେରିକ ପ୍ରାଣୀ ଚିକିତ୍ସା ଔଷଧ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।




# ସମ୍ବଲପୁର, ରାଉରକେଲା ଏବଂ ପୁରୀରେ ହେବ ପୌର ନିର୍ବାଚନ

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୩ ପ୍ରମୁଖ ସହରରେ ପୌର ନିର୍ବାଚନ ବନ୍ଦ ରହିଛି । ସମ୍ବଲପୁର ଆଉ ରାଉରକେଲାରେ ପୌର ନିର୍ବାଚନ ଗତ ୧୧ ବର୍ଷ ହେଲା ବନ୍ଦ ରହିଛି । ସେହିପରି ପୁରୀରେ ଗତ ୬ ବର୍ଷ ହେଲା ପୌର ନିର୍ବାଚନ ବନ୍ଦ ରହିଛି । ତେବେ ଏନେଇ ହାଇକୋର୍ଟଙ୍କ ଶୁଣାଣି ପରେ, ପୁଣିଥରେ ଏହି ୩ ସହରରେ ପୌର ନିର୍ବାଚନ ଆରମ୍ଭ ହେବ। ଏସମ୍ପର୍କରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ସମ୍ବଲପୁର, ରାଉରକେଲା ଏବଂ ପୁରୀରେ ପୌର ନିର୍ବାଚନ ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି । ବିଜେଡି ସରକାରଙ୍କ ଅମଳରେ ପୌର ନିର୍ବାଚନ ବର୍ଷ ବର୍ଷ ଧରି ବନ୍ଦ ରହିଥିଲା । ଏହି ୩ ସହରରେ ପୁଣିଥରେ ନିର୍ବାଚନ କରିବାକୁ ସରକାର ଯୋଜନା କରୁଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସରିଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।

ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଯାହା ଆବଶ୍ୟକତା ରହିଛି ଆମ ସରକାର ତାହା କରିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

ତେବେ ହାଇକୋର୍ଟରେ ଏହି ମାମଲା ବିଚାରାଧିନ ରହିଛି। ସରକାରଙ୍କ ଓକିଲ ମଧ୍ୟ ଲଢ଼ୁଛନ୍ତି । ବିଚାରପତିଙ୍କ ରାୟ ଆସିବା ପରେ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ୬ ଦିନିଆ ବ୍ରିଟେନ ଗସ୍ତରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର

**ନୂଆଦିଲ୍ଲୀ, ୫।୩**

ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ୬ଦିନିଆ ବ୍ରିଟେନ ଓ ଆୟର୍ଲାଣ୍ଡ ଗସ୍ତ କରିଛନ୍ତି। ଜୟଶଙ୍କର ପ୍ରଥମ ପର୍ଯ୍ୟାୟରେ ବ୍ରିଟେନ ଗସ୍ତ କରିଛନ୍ତି । ଏହି ଗସ୍ତ କାଳରେ ସେ ବ୍ରିଟେନ ପ୍ରଧାନମନ୍ତ୍ରୀ କୈର ଷ୍ଟାର୍ମରଙ୍କ ସହିତ ଉଚ୍ଚସ୍ତରୀୟ ଜରୁରୀ ବୈଠକରେ ଯୋଗ ଦେବେ। ଏହି ବୈଠକରେ ୟୁରୋପୀୟ ୟୁନିୟନର ନେତାମାନେ ମଧ୍ୟ ଯୋଗ ଦେବେ। ଯେଉଁଥିରେ ରୁଷ୍-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଆଲୋଚନା କରାଯିବ। ବିଶେଷକରି ଯୁଦ୍ଧରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡେମିର ଜେଲେନସ୍କିଙ୍କ ପ୍ରତି ସମର୍ଥନ ବ୍ୟକ୍ତ ଲାଗି ଭାରତ ସହିତ ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମର ଆଲୋଚନା କରିବେ। ଯୁଦ୍ଧ ବନ୍ଦକୁ ନେଇ ୟୁକ୍ରେନ ରାଷ୍ଟ୍ରପତିଙ୍କ ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଲୋଚନା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟ୍ରମ୍ପଙ୍କ ସହିତ ଜେଲେନସ୍କିଙ୍କ ବିବାଦ ପରେ ରୁଷ୍-ୟୁକ୍ରେନ ଯୁଦ୍ଧ ଏବେ ଏକ

# ଅପ୍ରେଲ ୨ରେ ଶିଶୁ ବାଟିକାର ଶୁଭାରମ୍ଭ

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି-୨୦୨୦କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ନେଇଥିବା ନିଷ୍ପତ୍ତି ଅନୁସାରେ ଆସନ୍ତା ଅପ୍ରେଲ ୨ ତାରିଖରେ ଶିଶୁବାଟିକାର ଶୁଭାରମ୍ଭ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ବାଟିକା ଆରମ୍ଭ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଅପ୍ରେଲ ୨ରେ ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଉତ୍ସବର ଆୟୋଜନ କରାଯିବ। ଏହା ମାଧ୍ୟମରେ ୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ପରିବେଶ ଦିଆଯିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ମୂଳରୁ ଶିଶୁମାନଙ୍କ ଗୁଣାତ୍ମକ ବିକାଶରେ ସହାୟକ ହୋଇପାରିବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ବାଟିକା କାର୍ଯ୍ୟକ୍ରମ ଶୁଭାରମ୍ଭ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

## କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ କନଷ୍ଟେବଲ / ସିପାହୀ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ୨୦୮୦ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଅନୁଷ୍ଠିତ ପରୀକ୍ଷାରେ ସମୁଦାୟ ୧୮୫୩ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

କନଷ୍ଟେବଲ / ସିପାହୀ ଭାବେ ଏହି ନିଯୁକ୍ତି ଲୋକଙ୍କୁ ଆହୁରି ଉନ୍ନତ ପୁଲିସ ସେବା ପ୍ରଦାନରେ ସହାୟକ ହେବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ।

# ଗର୍ଭଧାରଣର ଚିକିତ୍ସା ସମାପ୍ତି ପାଇଁ ଏସ୍ଓପି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ, ୫।୩**
**ନ୍ୟୁଜ୍ ବ୍ୟୁରୋ**

ଛଅ ମାସ ମଧ୍ୟରେ ଗର୍ଭଧାରଣର ଚିକିତ୍ସା ସମାପ୍ତି ପାଇଁ ଏକ ଅନୁସୃତ ମାନକ ବ୍ୟବସ୍ଥା(ଏସଓପି) ସୃଷ୍ଟି କରିବାକୁ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଗଷ୍ଟ ୨୦୨୪ ରେ ବାରମ୍ବାର ବଳାତ୍କାର ପରେ ଗର୍ଭବତୀ ହୋଇଥିବା ୧୩ ବର୍ଷୀୟ ଆଦିବାସୀ ଝିଅ, ସିକଲ ସେଲ ଆନିମିଆ ରୋଗୀଙ୍କ ପାଇଁ ଗର୍ଭଧାରଣର ଚିକିତ୍ସା ସମାପ୍ତି ପାଇଁ ଏକ ଆବେଦନ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି, ଯାହା ସମ୍ପର୍କରେ କୋର୍ଟ ନିକଟରେ ଏକ ରାୟ ଦେଇଥିଲେ।

ରାୟ ପ୍ରଦାନ କରିଥିବା ଜଷ୍ଟିସ ଏସ.କେ. ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି ଯେ, ପ୍ରକ୍ରିୟାଗତ ବାଧା ଦ୍ୱାରା ଚିକିତ୍ସା ନିଷ୍ପତ୍ତିକୁ ଅଟକାଇବା ଉଚିତ ନୁହେଁ । ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଆଇନଗତ ପରିଣାମର ଭୟ ଯୋଗୁଁ ଗର୍ଭପାତ ପ୍ରବେଶରେ ବିଳମ୍ବ, ବିଶେଷକରି ବଳାତ୍କାରରୁ ବଞ୍ଚିଥିବା ପୀଡିତାଙ୍କ ପାଇଁ ସେ ଚିନ୍ତା ପ୍ରକାଶ କରିଥିଲେ।

କୋର୍ଟର ଅନୁମୋଦନ ବିନା ଗର୍ଭପାତ ପାଇଁ ଆଇନଗତ ସୀମା ୨୪ ସପ୍ତାହ ଅତିକ୍ରମ କରିବା ପରେ ୧୩ ବର୍ଷୀୟ ଆଦିବାସୀ ଝିଅର ଗର୍ଭଧାରଣ ସମ୍ପର୍କରେ ଜାଣିଥିଲେ। ତେଣୁ ହସ୍ପିଟାଲର ଏକ ମେଡିକାଲ ବୋର୍ଡ ତାଙ୍କ *(ପୃଷ୍ଠା ୭ରେ)*

# ତିନି ଦିନ ପରେ ଓଡ଼ିଶାରେ ୨-୩ ଡିଗ୍ରୀ ବୃଦ୍ଧି ପାଇବ ତାପମାତ୍ରା

**ଭୁବନେଶ୍ୱର, ୫।୩**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ତିନି ଦିନ ପରେ ଓଡ଼ିଶାର ଅନେକ ଜିଲ୍ଲାରେ ଦିନର ତାପମାତ୍ରାରେ ୨-୩ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର କହିଛି ଯେ ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ ନାହିଁ। ତଥାପି ଏହା ପରେ ଧୀରେ ଧୀରେ ୨-୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଏହି ସମୟରେ ଆଗାମୀ ପାଞ୍ଚ ଦିନ ପାଇଁ ରାତିର ତାପମାତ୍ରା ଅପରିବର୍ତ୍ତିତ ରହିବ।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ସମଗ୍ର ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ, ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୫ ଡିଗ୍ରୀ ସେଲସିୟସ ଏବଂ ୨୩ ଡିଗ୍ରୀ ସେଲସିୟସ ରହିବ ବୋଲି ଆଶା କରାଯାଉଛି। ଝାରସୁଗୁଡ଼ାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ବୃହତ ଅର୍ଥନୀତିରେ ଦ୍ରୁତ ବୃଦ୍ଧି ଘଟିଛି

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାନାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ସାଂପ୍ରତିକ ଘଟଣାବଳୀ ଉପରେ ସମ୍ୟକ ଆଲୋଚନା...



ଶ୍ରୀ ନୀଳମୋହନ ତ୍ରିପାଠୀ
ମୋ -୭୯୭୮୦୪୧୩୩୧

ଭାଷା ଭିତ୍ତିକ ରାଜ୍ୟ ଭାବେ ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା। ଏହା ପୂର୍ବରୁ କଳିଙ୍ଗ ରାଜ୍ୟ ଭାବେ ଖ୍ୟାତି ଅର୍ଜନ କରିଥିଲା। ଏବେ ମଧ୍ୟ ବହୁ ବୁଦ୍ଧିଜିବୀ, ଐତିହାସିକ ଓ ଜନ ସାଧାରଣ ଓଡ଼ିଶାର ନାମ ବଦଳାଇ 'କଳିଙ୍ଗ' ରଖାଯାଉ ବୋଲି ମତ ପୋଷଣ କରନ୍ତି। ଓଡ଼ିଆ ଅସ୍ମିତାର ପ୍ରତୀକ କଳିଙ୍ଗ ନାମରେ ଭୁବନେଶ୍ୱରରେ କିଟ୍, କିମ୍ସ ଓ କିସ୍ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ପ୍ରତିଷ୍ଠିତ ହୋଇ ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ନିକଟରେ କିଟ୍-ପରି ଏକ ପ୍ରତିଷ୍ଠିତ ବିଶ୍ୱ ବିଦ୍ୟାଳୟରେ ନେପାଳି ଛାତ୍ରୀ ପ୍ରକୃତି ଲାମ ସାଲଙ୍କର ଆତ୍ମହତ୍ୟା ଅତ୍ୟନ୍ତ ଦୁଃଖ ଦାୟକ ଏବଂ ନିନ୍ଦନୀୟ । ଏହି ଘଟଣାକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର ଓ ପୋଲିସ ପ୍ରଶାସନ ଯେଉଁପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ପ୍ରକୃତି ସୁଦୂର ନେପାଳରୁ ଆସି, ଓଡ଼ିଶାର ଶିକ୍ଷାନୁଷ୍ଠାନରେ ପାଠ ପଢିବା ବେଳେ ସେ ଓଡ଼ିଆ ଝିଅ ପରି ଓଡ଼ିଶାର ଅସ୍ମିତାକୁ ଗ୍ରହଣ କରିଥିଲେ। କିନ୍ତୁ ଦୁଃଭାର୍ଗ୍ୟବଶତଃ ଆମେ ତାକୁ ସୁରକ୍ଷା ଦେଇ ପାରିଲୁନି। ଏହି ଘଟଣଶରେ କିଟ୍ କର୍ତ୍ତୁପକ୍ଷ ଦୁଃଖ ପ୍ରକାଶ କରି ନେପାଳି ଛାତ୍ରମାନଙ୍କୁ ତାଙ୍କ ବିଶ୍ୱ ବିଦ୍ୟାଳୟ ପରିସରକୁ ଫେରାଇ ଆଣୁଛନ୍ତି। ଘଟଣା ସଂପର୍କରେ ଅନୁସନ୍ଧାନ କରି ସେ ସଂସପର୍କରେ ଏକ ବିସ୍ତୃତ ରିପୋର୍ଟ ଦେବା ପାଇଁ ଗୃହବିଭାଗ ଅତିରିକ୍ତ ଶାସନ ସଚିବଙ୍କ ନେତୃତ୍ୱରେ ଏକ ଉଚ୍ଚକ୍ଷମତାପ୍ରାପ୍ତ କମିଟି ତାଙ୍କ ଅନୁସଂଧାନ ଜାରି ରଖିଛନ୍ତି। ସ୍ଥାନୀୟ ପୋଲିସ, ଏହି ଘଟଣାରେ ଦଶଜଣ କିଟ୍ କର୍ମଚାରୀ ଓ ଆତ୍ମ ହତ୍ୟା କରିଥିବା ଛାତ୍ରୀଙ୍କ ପୁରୁଷ ବଂଧୁଙ୍କୁ ଗିରଫ କରି ତାଙ୍କର ତଦନ୍ତ ଜାରି ରଖିଛନ୍ତି। ଯେଉଁ ଅସମାଜିକ ବ୍ୟକ୍ତିମାନେ କିଟ୍ର ଫଳକ, ପାଠାଗାର ଆଦି କିଟ୍ ସଂପତ୍ତି ଭଙ୍ଗାରୁଜା କରିଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ଆଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ବିଧାନ ସଭାରେ ମୁଲତବି ପ୍ରସ୍ତାବ ଆଲୋଚନା ବେଳେ ମାନ୍ୟବର ବିଧାୟକମାନେ ଯୁବ ସମାଜ ଛାତ୍ର ଓ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବନ୍ଦ କରିବା ପାଇଁ କିଛି ପରାମର୍ଶ ଦେଇଥିଲେ ଭଲ ହୋଇଥାଆନ୍ତା। କିଟ୍ର ଘଟଣା ଛାତ୍ରୀ ପ୍ରକୃତିର ଆତ୍ମହତ୍ୟାରୁ ଆରମ୍ଭ ହୋଇଛି। କିନ୍ତୁ ଆମ ମାନଙ୍କ ପ୍ରକୃତିରେ ଘଟଣାର ସକରାତ୍ମ ସମାଧାନ କରିବା ପାଇଁ ପରାମର୍ଶ ଦେବା ବଦଳରେ ଅତିରଞ୍ଜିତ ମନଗଢା କାହାଣି ସାମାଜିକ ଗଣ ମାଧ୍ୟମରେ ପ୍ରସାରଣ କରି କିଟ୍, କିସ୍ ଏବଂ ଏହାର ପ୍ରତିଷ୍ଠାତାଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର କରାଯାଉ ଥିବାର ପ୍ରତୀୟମାନ ହେଉଛି।

ଓଡ଼ିଶାର ଦୁଇଟି ଘରୋଇ ବିଶ୍ୱ ବିଦ୍ୟାଳୟ କିଟ୍ ଓ କିସ୍ ଏବଂ "ଶିକ୍ଷା ଓ ଅନୁସଂଧାନ" ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ସେମାନେ ସ୍ୱାସ୍ଥ୍ୟସେବାରେ ମଧ୍ୟ ବେଶ୍ ପ୍ରତିଷ୍ଠିତ। କରୋନା ମହାମାରୀ ବାହାନାଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ମଧ୍ୟରୁ ଜଣକୁ କିଟ୍ରେ ଚାକିରୀ ଦେବା ଏବଂ ରାଜ୍ୟର ଯେକୌଣସି ଦୁର୍ବିପାକରେ ରାଜ୍ୟ ସରକାର ଓ ସାଧାରଣ ଜନତାଙ୍କୁ ସ୍ୱତଃପ୍ରବୃତ ସାହାଯ୍ୟ ସେବା ଯୋଗାଇଦେବାରେ କିଟ୍ ଓ କିସ୍ ସବୁବେଳେ ଚେଷ୍ଟିତ। କୌଣସି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଜଣେ ଗଢି ପାରେ ନାହିଁ, ଏଥିରେ ସ୍ଥାନୀୟ ବାସିନ୍ଦା, ସେଠାରେ କାର୍ଯ୍ୟରତ କର୍ମଚାରୀ ସେଠାରେ ପଠନରତ ଛାତ୍ରଛାତ୍ରୀ ମାନଙ୍କର ପରିଶ୍ରମକୁ ନେଇ ଶିକ୍ଷାନୁଷ୍ଠାନର ମାନବୃଦ୍ଧି ହୋଇଥାଏ। ପ୍ରତିଷ୍ଠାତା ମାର୍ଗ ଦର୍ଶକ ହିସାବରେ ଦିଗ୍ ଦର୍ଶନ ଦେଇ ଅନୁଷ୍ଠାନର ଉନ୍ନତି କରାନ୍ତି। କୌଣସି ଘରୋଇ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ପୋଲିସ ସେବା ଅଧିକାରୀ, ରାଜନେତା ମାନଙ୍କ ସହଧର୍ମିଣି ଯୋଗ୍ୟତା ଥାଇ ମଧ୍ୟ ଚାକିରି କରିପାରିବେ ନାହିଁ ବୋଲି ଆଇନ୍ ପ୍ରଣୟନ କଲେ ଘରୋଇ ବିଶ୍ୱବିଦ୍ୟାଳୟ ଯଦି ପ୍ରଶାସନିକ ଓ ରାଜନୈତିକ ସାହାଯ୍ୟ ସହାନୁଭୁତିରୁ ମୁକ୍ତ ରହିବ ବୋଲି ମାନ୍ୟବର ବିଧାୟକ ମାନେ ଚିନ୍ତା କରୁଛନ୍ତି ତାହା ହେଲେ ସେଥିପାଇଁ ଆଇନ ପ୍ରଣୟନ କଲେ ଭଲ ହେବ। ଗରିବ ପରିବାରରୁ ଆସି ଦେଶର ମିସାଇଲ୍ ମ୍ୟାନ ଭାବେ ପରିଚିତ, ଭାରତର ରାଷ୍ଟ୍ରପତି ହୋଇ ପାରିଲେ, ଏକ ଗରିବ ପରିବାରରୁ ଆସି, ଦେଶର ସର୍ବପୁରାତନ ରାଜନୈତିକ ଦଳର ସଭାପତି ହୋଇ ପାରିଲେ। ଚା ବିକ୍ରି କରୁଥିବା ଲୋକ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ହୋଇପାରିଲେ। ଅଥଚ୍ ଏକ ଗରିବ ମଫସଲ ଗ୍ରାମରେ ଜନ୍ମ ଗ୍ରହଣ କରି ଜୀବନରେ ସଂଘର୍ଷ କରି ଯଦି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ଓ ଆଦିବାସୀ ପିଲାମାନଙ୍କୁ ଶିକ୍ଷା ଦେବାରେ ସର୍ମଥ ହୋଇପାରିଲେ ସେଥିରେ ଅସୁବିଧା କେଉଁଠି ରହିଲା। ତାଙ୍କ ପ୍ରତି କିଛି ଗଣମାଧମ ଓ ନ୍ୟସ୍ତସ୍ୱାର୍ଥ ଲୋକମାନଙ୍କର ଏତେ ଅସୂୟା ଭାବ କାହିଁକି ? କିଟ୍ର ପ୍ରତିଷ୍ଠାତା ପ୍ରାୟ ୬୦ ପରେ ଡକ୍ଟରେଟ ଉପାଧିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନିତ ହୋଇଛନ୍ତି ଏହା ସହ ସେ ମଧ୍ୟ ଦେଶ ଏବଂ ଓ ବିଦେଶରେ ବହୁ ରାଷ୍ଟ୍ରରେ ସମ୍ମାନିତ ହୋଇଛନ୍ତି। ଆମ ଓଡ଼ିଶା ଅସ୍ମିତାର ଗର୍ବ ଓ ପ୍ରତୀକ। ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କ ଠାରୁ ୨୦୨୨ ମସିହାରେ ରାଷ୍ଟ୍ରିୟ ଖେଳ ପ୍ରୋତ୍ସାହନ ପୁରସ୍କାର କିଟ୍ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଗ୍ରହଣ କରିଥିଲେ। ସେଥିପାଇଁ ଓଡ଼ିଆ ହିସାବରେ ଆମେ ଗର୍ବିତ। ବିଗତ ୨୦ବର୍ଷରେ କିଟ୍ ଓ କିସ୍, ଦୁତି ଚାନ୍ଦ, ଶ୍ରାବଣୀ ନନ୍ଦ ସମେତ ୨୩ଜଣ ଅଲିମ୍ପିଆନି, ଦେଶ ତରଫରୁ ୨୦୧୬ ରିଓ ଅଲମ୍ପିକ, ୨୦୨୦ ଟୋକିଓ ଅଲମ୍ପିକ ଓ ୨୦୨୪ ପ୍ୟାରିସ ଅଲମ୍ପିକ୍ରେ ଯୋଗଦାନ କରିଥିଲେ। କିଟ୍ର ୪ଜଣ ଆଥଲେଟ୍ ୧୯ତମ ଏସିଆନ ଗେମ୍ରେ ୨ଟି ସ୍ୱର୍ଣ୍ଣ ଓ ୨ଟି ସିଲଭର ପଦକ ହାସଲ କରିଥିଲେ। ନିକଟରେ କିଟ୍ ଚାରୁକଳାର ମହାନିର୍ଦ୍ଦେଶକ ଶ୍ରୀ ଅଦୈତ ଗଡନାୟକଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଛନ୍ତି। ଶ୍ରୀ ଗଡନାୟକ ନିଜେ ଏଥି ପାଇଁ କିଟ୍ ପ୍ରତିଷ୍ଠାତାଙ୍କ ପ୍ରେରଣା ଓ ଦିଗ୍ଦର୍ଶନକୁ ଉଚ୍ଚ ପ୍ରସଂଶା କରିଛନ୍ତି। ଆମେ ଜଣକର ସଂଘର୍ଷମୟ ଜୀବନ ଓ ଉତଥାନକୁ ସାକାରତ୍ମକ ଭାବେ ନ ଦେଖି, ଏକ ଦୁଃଖଦାୟକ ସ୍ୱର୍ଶ କାତର ଘଟଣାରେ ମନଗଢା କାହାଣି ପରିବେଷଣ କରି ଓଡ଼ିଆ ଜାତିକୁ କଙ୍କଡା ବୋଲି ପ୍ରତିପାଦନ କରିବା ଉଚିତ ନୁହେଁ। ଏବେ କିସ୍ରୁ ପ୍ରାୟ ୨୦୦୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତି ଫେରିଆସି ଶିକ୍ଷାର ବାତାବରଣ ଆସିଲାଣି। ଏହି ସମୟରେ ଅତିରଞ୍ଜିତ ମନଗଢା କାହାଣୀ ଗଣମାଧମ ଓ ସାମାଜିକ ଗଣ ମାଧମରେ ପ୍ରସାରଣ କରି ଛାତ୍ର ଓ ଛାତ୍ରୀମାନଙ୍କର ମନୋବଳ ଭଙ୍ଗା ନ ଯାଉ। ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସଂପର୍ଣ୍ଣ କମିଟି ତଦନ୍ତ କରି ଯାହା ରିପୋର୍ଟ ଦେବେ, ତାକୁ ତର୍ଜମା କରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅଯଥାରେ କିଟ୍କୁ ତା'ର ଛାତ୍ରଛାତ୍ରୀଙ୍କୁ ବଦନାମ କରା ନ ଯାଉ। ଅଭିଭାବକ, ଶିକ୍ଷକମାନେ ପିଲାମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇ ସେମାନଙ୍କୁ ଆତ୍ମହତ୍ୟା ପ୍ରବଣତାରୁ ନିବୃତ କରିବା ପାଇଁ ଆତ୍ମହତ୍ୟାର ଲକ୍ଷଣମାନ ଜାଣିବା ଦରକାର। ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ ବୋଲି ପିଲାମାନଙ୍କୁ ବୁଝାଇବା ଦରକାର। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ରାଜସ୍ଥାନର କୋଟା, ଏପରି ଆମ ଓଡ଼ିଶାର ବିଭିନ୍ନ ସ୍ଥାନରେ କୋମଳମତି ପିଲାମାନେ ଆତ୍ମହତ୍ୟା କରୁଛନ୍ତି। ସେମାନେ ଆମ ଦେଶର ଭବିଷ୍ୟତ ଏଥିପାଇଁ ବୋଧେ ଆମର ସାମାଜିକ ବ୍ୟବସ୍ଥା ଦାୟୀ ହୋଇପାରେ। ମାନସିକ ଓ ପାରିବାରିକ ଅଶାନ୍ତି, ପାଠପଢାରେ ଅତ୍ୟଧିକ ଚାପ, କୌଣସି ସଂପର୍କରେ ପୂର୍ଣ୍ଣଛେଦ ଆଦି କାରଣ ହୋଇପାରେ। ଆତ୍ମହତ୍ୟାର ଯାହା ବି କାରଣ ହେଉ, ଏବେ ଛାତ୍ରଛାତ୍ରୀ ଓ କୋମଳମତି ପିଲାମାନଙ୍କ ମଧ୍ୟରେ ଆତ୍ମ ହତ୍ୟାର ପ୍ରବଣତା ବଢି ଚାଲିଚି। ଆମ ସମାଜର ବୁଦ୍ଧିଜୀବୀ ସମାଜସେବୀମାନେ ଏହା ଉପରେ ସୁଚିନ୍ତିତ ମତ ଦେଇ ପିଲାମାନଙ୍କୁ ଆତ୍ମହତ୍ୟା ପ୍ରବଣତାରୁ ରକ୍ଷା କରି ପାରିଲେ ଏହା ହେବ ସ୍ୱର୍ଗତ ପ୍ରକୃତି ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଜୟ ଜଗନ୍ନାଥ।

(ମତାମତ ଲେଖକଙ୍କ ନିଜସ୍ୱ)

# ମାର୍ଚ୍ଚ ଆରମ୍ଭରୁ ତାଉ ଦେଖାଇଲାଣି ତାତି



ହିମାଂଶୁ ଶେଖର ଆର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ମାର୍ଚ୍ଚ ଆରମ୍ଭରୁ ତାଉ ଦେଖାଇଲାଣି ତାତି । ସକାଳୁ ସକାଳୁ ଉପରମୁହାଁ ହେଉଛି ପାରଦ । ଚଳିତ ବର୍ଷ ପ୍ରଥମ ଥର ରାଜ୍ୟରେ ପାରଦ ୩୮ଡିଗ୍ରୀ ଡେଇଁଛି । ଟିଟିଲାଗଡ ଓ ଝାରସୁଗୁଡାରେ ତାପମାତ୍ରା ୩୮ଡିଗ୍ରୀ ଟପିଛି ଏଥିସହିତ ୧୧ଟି ସହରରେ ୩୭ଡିଗ୍ରୀ ବା ଅଧିକ ତାପମାତ୍ରା ରେକର୍ଡ କରାଯାଇଛି । ମାର୍ଚ୍ଚରୁ ମେ ମାସ ଯାଏ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗ କହିବାନୁସାରେ ଗତ ଶନିବାର ଟିଟିଲାଗଡର ତାପମାତ୍ରା ୩୮.୫ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡାରେ ୩୮.୨ଡିଗ୍ରୀ ରହିଛି । ସେହିପରି ବଲାଙ୍ଗୀର ୩୮ଡିଗ୍ରୀ, ଅନୁଗୁଳରେ ୩୭.୭ଡିଗ୍ରୀ, ସମ୍ବଲପୁରରେ ୩୭.୬ ଡିଗ୍ରୀ, ସୁନ୍ଦରଗଡରେ ୩୭.୫ଡିଗ୍ରୀ, ସୋନପୁରରେ ୩୭.୭ଡିଗ୍ରୀ, ଭବାନୀପାଟଣାରେ ୩୭.୨ଡିଗ୍ରୀ, ହୀରାକୁଦରେ ୩୭.୧ଡିଗ୍ରୀ, ବୌଦ୍ଧରେ ୩୭ଡିଗ୍ରୀ ଓ ବାରିପଦାରେ ୩୭ ଡିଗ୍ରୀ ରେକଡ କରାଯାଇଛି । ସାଧାରଣତଃ ଫେବୃୟାରୀ ମାସ ବେଳକୁ ଶୀତ ପ୍ରକୋପ ରହିଥାଏ । ତେବେ ଚଳିତବର୍ଷ ଏହି ଧାରାରେ ବିରାମ ଲାଗିଛି । ଶୀତ ଉଭାନ ହୋଇଯାଇଥିବା ବେଳେ ଫେବୃୟାରୀ ଶେଷ ହେଉହେଉ ତାପମାତ୍ରା ବୃଦ୍ଧି ପାଇଛି । ଏବେଠୁ ଖରାର ପ୍ରକୋପ ଦେଖି ଆକୁ ତାତି ବଢିବ ବୋଲି ଲୋକଙ୍କ ମନରେ ଛନକା ପଶିଲାଣି । ଅପରପକ୍ଷେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ କରିବା ସହ ଖରାରେ ବାହାରକୁ ଯିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ସତେ ଯେମିତି ଲାଗୁଛି ଏଥର ଗ୍ରୀଷ୍ମର ପ୍ରବାହ ଅଧିକ ରହିବା ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ। ପୂର୍ବରୁ ମଧ୍ୟ ଫେବୃଆରୀରୁ ତାପମାତ୍ରା ବଢିବାର ରେକର୍ଡ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା। ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ମାର୍ଚ୍ଚମାସ ବା ଫଗୁଣରୁ ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ। ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ ତାତି ଚିନ୍ତାଜନକ ହୋଇରହିବ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଜାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା। ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ଜଣ, ୨୦୧୮ରେ ୬୦ ଜଣ, ୨୦୧୯ରେ ୫୦ ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି। କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ୍ୟ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍ଲିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯାହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଚଳିତବର୍ଷ ମାର୍ଚ୍ଚ ମାସରୁ ମେ ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ । ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

# ଡିଲିମିଟେସନ ବିତର୍କ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ (ଡିଲିମିଟେସନ) ସମ୍ପର୍କରେ ଆଲୋଚନା କରିବାପାଇଁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ଆସନ୍ତା ୫ତାରିଖ ଦିନ ରାଜ୍ୟର ସମସ୍ତ ରାଜନୈତିକ ଦଳମାନଙ୍କୁ ନେଇ ସର୍ବଦଳୀୟ ବୈଠକ ଡକାଇବା ଏହା ଉପରେ ବିତର୍କ ପାଇଁ ଆହ୍ୱାନ କରିବା ସମ୍ଭାବନା ସୃଷ୍ଟି ରହିଛି। କହିବା ବାହୁଲ୍ୟ ଯେ, ଡିଲିମିଟେସନ ଦ୍ୱାରା ତାମିଲନାଡୁ ସମେତ ଦାକ୍ଷିଣାତ୍ୟ ରାଜ୍ୟଗୁଡିକରେ ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବା ନେଇ ଆଶଙ୍କା ବ୍ୟକ୍ତ କରି ସେ ସର୍ବଦଳୀୟ ବୈଠକ ଡକାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରତି ଜନଗଣନା ପରେ ଦେଶରେ ଡିଲିମିଟେସନ ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ୧୯୭୩ ପରେ ଆଉ ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ହୋଇନାହିଁ। ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦିଆଯିବା ଯୋଗୁଁ ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପ୍ରକ୍ରିୟା ସ୍ଥଗିତ ରହିଥିଲା। ୨୦୨୧ରେ ମହାମାରୀ କରୋନା ଯୋଗୁଁ ଜନଗଣନା ସ୍ଥଗିତ ରହିଥିଲା। ଏବେ ବି ସବୁକିଛି ସ୍ୱାଭାବିକ ହୋଇଥିବା ସତ୍ତ୍ୱେ ହୋଇପାରିନାହିଁ। ଆସନ୍ତା ୨୦୨୬ରେ ଜନଗଣନା ହେବା ନେଇ ଚର୍ଚ୍ଚା ହେଉଛି। ଏହା ଯଦି ହୁଏ, ତେବେ ଜନଗଣନା ପରେ ଡିଲିମିଟେସନ ହେବା ସମ୍ଭାବନା ରହିଛି। ଜନସଂଖ୍ୟା ଆଧାରରେ ଡିଲିମିଟେସନ ହେଉଥିବାରୁ ଦାକ୍ଷିଣାତ୍ୟ ଓ ଉତ୍ତରାଞ୍ଚଳରେ ଲୋକସଭା ଆସନ ସଂଖ୍ୟା ବ୍ୟାପକ ତାରତମ୍ୟ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି। ଜନସଂଖ୍ୟା ନିୟନ୍ତ୍ରଣ ଦାକ୍ଷିଣାତ୍ୟ ରାଜ୍ୟଗୁଡିକରେ ସଫଳତା ହାସଲ କରିଥିବାବେଳେ ଉତ୍ତରାଞ୍ଚଳ ରାଜ୍ୟଗୁଡିକରେ ଲୋକସଂଖ୍ୟା ବୃଦ୍ଧି ପାଇଛି। ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀ ଆସନ ସଂଖ୍ୟା ନିର୍ଦ୍ଧାରଣ ହେଉଥିବାରୁ ଲୋକସଭାରେ ତାମିଲନାଡୁ ଆସନ ସଂଖ୍ୟା କମିବା ସ୍ୱାଭାବିକ। ୧୯୭୧ରୁ ୨୦୨୪ ମଧ୍ୟରେ ଭୋଟଦାତାଙ୍କ ସଂଖ୍ୟା ଅନୁଯାୟୀ ତାମିଲନାଡୁରେ ୧୭୧% ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଅବିଭକ୍ତ ବିହାରରେ ୨୩୩ ପ୍ରତିଶତ ବୃଦ୍ଧି ପାଇଛି। ଏବେ ତାମିଲନାଡୁରେ ୩୯ଟି ଲୋକସଭା ଆସନ ଥିବାବେଳେ ବିହାରରେ ୫୪ଟି ଆସନ ରହିଛି। ଡିଲିମିଟେସନ ପରେ ତାମିଲନାଡୁ ତୁଳନାରେ ବିହାରରେ ଲୋକସଭା ଆସନ ଆଶାତୀତ ଭାବେ ବୃଦ୍ଧି ପାଇବ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଡିଲିମିଟେସନ ପରେ ତାମିଲନାଡୁର ଆସନ ସଂଖ୍ୟା ୩୯ରୁ ୪୧କୁ ବଢିବ। କିନ୍ତୁ ବିହାରରେ ଆସନ ସଂଖ୍ୟା ବିହାରରେ ୫୪ରୁ ୭୦କୁ ବୃଦ୍ଧି ପାଇବ। ସେହିପରି ଉତ୍ତରପ୍ରଦେଶରେ ୮୦ରୁ ୧୨୮, ଝାଡଖଣ୍ଡରେ ୧୪ରୁ ୨୪, ମଧ୍ୟପ୍ରଦେଶରେ ୨୯ରୁ ୪୭, ଛତିଶଗଡରେ ୧୧ରୁ ୧୯, ଗୁଜରାଟରେ ୨୬ରୁ ୪୩, ମହାରାଷ୍ଟ୍ରରେ ୪୮ରୁ ୬୮, ରାଜସ୍ଥାନରେ ୨୫ରୁ ୪୪, ଓଡିଶାରେ ୨୧ରୁ ୨୮କୁ ଆସନ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟ ତଥା ତାମିଲନାଡୁରେ ଲୋକସଭା ଆସନ ସଂଖ୍ୟା ୩୯ରୁ ୪୧କୁ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ କର୍ଣ୍ଣାଟକରେ ୨୮ରୁ ୩୬କୁ, ତେଲେଙ୍ଗାନାରେ ୧୭ରୁ ୨୦କୁ ଓ ଆନ୍ଧ୍ରପ୍ରଦେଶରେ ୨୫ରୁ ୨୮କୁ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ କେରଳରେ ୨୦ରୁ ୧୯କୁ ହ୍ରାସ ପାଇବା ସମ୍ଭାବନା ରହିଛି। ତେଣୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକର ଅମୂଳକ ନୁହେଁ ବୋଲି କୁହାଯାଇପାରିବ ନାହିଁ। ଏହି ଆକଳନ ଅନୁଯାୟୀ ଯଦି ଲୋକସଭା ଆସନ ସଂଖ୍ୟା ହୁଏ, ତେବେ ଉତ୍ତର ଭାରତୀୟ ରାଜ୍ୟଗୁଡିକର ମୋଟ ଆସନ ସଂଖ୍ୟା ୪୮୨ ହେବା ହେବା ସମ୍ଭାବନା ରହିଛି। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକର ମୋଟ ଆସନ ସଂଖ୍ୟା ୧୬୫ ହେବ। ଯାହାକି ଉତ୍ତରଭାରତୀୟ ରାଜ୍ୟଗୁଡିକର ମୋଟ ଆସନ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଦେଶରେ ନିମ୍ନ ସଦନରେ ପ୍ରତିନିଧିତ୍ୱ କ୍ଷେତ୍ରରେ ଅସମାନତା ଦେଖାଯିବ। ଯେଉଁଠି କି ଉତ୍ତର ଭାରତୀୟ ରାଜ୍ୟଗୁଡିକ ପ୍ରାଧାନ୍ୟ ଜାହିର କରିବେ। ଯାହାକି କେବଳ ଦେଶରେ ଆଞ୍ଚଳିକ ଭାରସାମ୍ୟ ଅସନ୍ତୁଳିତ କରିବ ନହିଁ, ଉତ୍ତର-ଦକ୍ଷିଣ ଭାଗ ମଧ୍ୟରେ ବାଛ ବିଚାର ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ସୁତରାଂ ଏହି ସମ୍ଭାବ୍ୟ ବିପଦକୁ ଷ୍ଟାଲିନ ଠିକ ଭାବେ ଆକଳନ କରିଥିବା ଅମୂଳକ ନୁହେଁ ବୋଲି ନିସନ୍ଦେହରେ କୁହାଯାଇପାରିବ। ଡିଲିମିଟେସନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କର କୌଣସି ଭୂମିକା ନଥିବା ବେଳେ ନିର୍ବାଚନ କମିଶନଙ୍କ ଡିଲିମିଟେସନ କମିଶନ ଏହାକୁ ଜନଗଣନା ଅଧିକାରୀ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହାୟତାରେ ନିର୍ଦ୍ଧାରଣ କରିବେ। ନିର୍ବାଚନ ମଣ୍ଡଳୀ ପୁର୍ନଗଠନ କରିବା ସମୟରେ ଜନପ୍ରତିନିଧି କ୍ଷେତ୍ରରେ ଉତ୍ତର ଓ ଦକ୍ଷୀଣ ଭାରତ ମଧ୍ୟରେ ଯେପରି ଅସଂଗତି ସୃଷ୍ଟି ନହୁଏ ସେଥିପ୍ରତି ଧ୍ୟାନ ଦେବା ଜରୁରୀ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୨୪

## ଦ୍ରୋଣ ପ୍ରତିଶୋଧ ନେଲେ-୨

ଦିନେ - ହସ୍ତିନାପୁରର ରାଜକୁମାରଗଣ ନଗ୍ରବାହାରେ ପେଣ୍ଡୁ ଖେଳୁଥିଲେ । ଖେଳ ସମୟରେ ପେଣ୍ଡୁଟି ଓ ଯୁଧିଷ୍ଠିରଙ୍କ ଗୋଲେଇ ବଳାଟି କୂଅରେ ପଡ଼ିଗଲା । ରାଜକୁମାରଗଣ କୂଅ ଚାରିପଟେ ଘେରି କୂଅ ଭିତରକୁ ଚାହିଁଲେ । ପେଣ୍ଡୁଟି ପାଣିରେ ଭାସୁଥିଲା । କିନ୍ତୁ ଯୁଧିଷ୍ଠିରଙ୍କ ଗୋଲେଇ ବଳାଟି ପାଣିରେ ବୁଡ଼ିଯାଇଥିଲା ଓ ସ୍ୱଚ୍ଛ ପାଣିତଳୁ ଚିକ୍ ଚିକ୍ କରୁଥିଲା । କେମିତି ବାହାର କରିବେ ସେମାନେ ବାଟ ପାଉନଥିଲେ । ସେମାନେ ଜାଣିନଥିଲେ, ଜଣେ କଳା ବ୍ରାହ୍ମଣ ସେମାନଙ୍କୁ ଖୁବ୍ ନିକଟରୁ ଲକ୍ଷ୍ୟ କରୁଛନ୍ତି ।

"ହେ ରାଜକୁମାର ଗଣ ! ମହାନ୍ ଭରତବଂଶର ହୋଇ ପେଣ୍ଡୁଟି ବାହାର କରିପାରୁନା ? ଧନୁର୍ବିଦ୍ୟା ଶିକ୍ଷା କରିଛଟି ! ହଉ । ମୁଁ ତୁମକୁ ସାହାଯ୍ୟ କରିପାରେ କି !" - କଳା ବାହ୍ମଣ ପଛରୁ କହିଲେ ।

ବାଳକ ରାଜକୁମାରମାନେ ପଛକୁ ଚାହିଁଲେ ।

ସେ ଅପରିଚିତ କଳାବ୍ରାହ୍ମଣ ଅନ୍ୟକେହି ନୁହଁନ୍ତି, ଦ୍ରୋଣ !

"ଦେଖିବା କେମିତି ବାହାର କରୁଛ !" - ଯୁଧିଷ୍ଠିର କହିଲେ ।

ସେଇଠୁ ଦ୍ରୋଣ ଘାସଟିଏ ଛିଡ଼େଇ, ତାକୁ ମନ୍ତ୍ରିତ କରି ତୀର କରିଦେଲେ ଓ ପେଣ୍ଡୁ ଉପରେ ଆଘାତ୍ କଲେ । ପେଣ୍ଡୁଟି ଉଠି ଆସିଲା ଉପରକୁ ।

"ଲୁହାର ବଳାଟିକୁ ଆଣନ୍ତୁ !" - ଆଶ୍ଚର୍ଯ୍ୟ ଚକିତ ରାଜକୁମାରମାନେ ଅନୁରୋଧ କଲେ ।

ଦ୍ରୋଣ ଧନୁଟିଏ ସେମାନଙ୍କ ଠାରୁ ମାଗିଆଣିଲେ । ଏବଂ ଲୁହା ବଳାଟିକୁ ଲକ୍ଷ୍ୟକରି ତୀର ଛାଡ଼ିଲେ । ଦେଖୁ ଦେଖୁ ଲୁହା ବଳାଟି ତାଙ୍କ ହାତକୁ ଆସିଗଲା । ସେ ସେଇଟିକୁ ଯୁଧିଷ୍ଠିରଙ୍କୁ ହସ୍ତାନ୍ତର କଲେ ।

ରାଜକୁମାର ମାନଙ୍କର ଆଶ୍ଚର୍ଯ୍ୟର ସୀମା ନାହିଁ । କହିଲେ - ହେ ବ୍ରାହ୍ମଣ, ଆମେ ତୁମକୁ ପ୍ରଣାମ କରୁଛୁ । ତୁମର ପରିଚୟ ?

ଦ୍ରୋଣ କହିଲେ - ତୁମେ ଭୀଷ୍ମଙ୍କ ପାଖକୁ ଯାଅ । ସମସ୍ତ ବିଷୟ କହିବ । ସେ କହିଦେବେ ମୁଁ କିଏ !

ରାଜକୁମାରମାନେ ଭୀଷ୍ମଙ୍କ ପାଖକୁ ଗଲେ ଓ କହିଲେ ।



ଭୀଷ୍ମ ଶୁଣିଲେ । ପିଲାମାନଙ୍କ ବର୍ଣ୍ଣନାରୁ ସେ ଜାଣିପାରିଲେ ବିଦେଶୀ ବ୍ରାହ୍ମଣ ମହାନ୍‌ଗୁରୁ ଦ୍ରୋଣଙ୍କ ବ୍ୟତୀତ ଅନ୍ୟ କେହି ନୁହଁନ୍ତି । ସେ ଦ୍ରୋଣଙ୍କୁ ଭେଟିଲେ । ପାଣ୍ଡବ ଓ କୌରବ ଭାଇମାନଙ୍କୁ ଅଧିକ ଶସ୍ତ୍ରଶିକ୍ଷା ଦେବାପାଇଁ ଦ୍ରୋଣଙ୍କୁ ନିଯୁକ୍ତି ଦେଲେ ।

ବାସ୍ ! ଦ୍ରୋଣ ରାଜାନୁଗ୍ରହ ପାଇ ହସ୍ତିନାପୁରେ ରହିଲେ । ଏବଂ ବିରଳ ବିଦ୍ୟା ଶିକ୍ଷାଦେଲେ ପାଣ୍ଡବ ଓ କୌରବ ଭାଇମାନଙ୍କୁ । କିନ୍ତୁ ଦ୍ରୋଣଙ୍କ ଅନ୍ତରରେ ଦ୍ରୁପଦଙ୍କ ପ୍ରତି କ୍ରୋଧ ଅବ୍ୟାହତ ଥାଏ । ଦିନେ ସେ ଦୁର୍ଯ୍ୟୋଧନ ଓ କର୍ଣ୍ଣଙ୍କୁ ଡାକି କହିଲେ – ତୁମେ ଦୁହେଁ ପାଞ୍ଚାଳ ରାଜ୍ୟକୁ ଯାଅ । ରାଜା ଦ୍ରୁପଦଙ୍କୁ ଜୀବିତ ଅବସ୍ଥାରେ ବାନ୍ଧି ମୋ ପାଖରେ ହାଜର କରାଅ ।

ଗୁରୁଙ୍କ ଆଦେଶ ବହନ କରି ଦୁର୍ଯ୍ୟୋଧନ ଓ କର୍ଣ୍ଣ ପାଞ୍ଚାଳ ରାଜ୍ୟକୁ ଗଲେ । କିନ୍ତୁ ସେମାନେ ଦ୍ରୁପଦଙ୍କୁ ପରାସ୍ତ କରିପାରିଲେନାହିଁ । ଫେରିଆସିଲେ । ସେଇଠୁ ଦ୍ରୋଣ ଅର୍ଜୁନଙ୍କୁ ପଠେଇଲେ । ଅର୍ଜୁନ ଯୁଦ୍ଧରେ ଦ୍ରୁପଦଙ୍କୁ ପରାସ୍ତକଲେ ଓ ବାନ୍ଧିଆଣିଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ମିଠା ମହକ

### *ଧ୍ରୁବ ଚରଣ ଘିବେଲା*



ରୂପରଙ୍ଗରେ ଥାଏ ଯେମିତି
ମିଠା ମହକ କେତେ
ତହିଁରେ ଗୁଣ ଥିଲେ ସାଇତା
ମହକ ବେଶି ଛୁଟେ
ଫୁଲରେ ଥିଲେ ବାସ ବାସନା
ମନ ଅଗଣା ଭରେ
ଫୁଲର ବାସ ମିଠା ମହକ
ଭାସି ବୁଲେ ବାଆରେ
କଥା କିମିଆଁ କରେ ଆକୃଷ୍ଟ
ମହକେ ମିଠା କଥା
ସେଇ କଥାର କାମ ସୁନ୍ଦର
ଛୁଉଁଥିଲେଟି ମଥା
ମିଠା ମହକ କଥାରୁ ଝରେ
କଥା ଭଳିଆ କାମ
କଥା ଓ କାମ ଥିଲେ ସମାନ
ତହିଁ ସୁନ୍ଦର ଜାଣ
କହିବା କଥା ପାଳିକି ଯଥା
ରହିବାରେ ସୁନ୍ଦର
ମିଠା ମହକ ଥାଏ ସେଇଠି

ପ୍ରଚୁର ଭରପୁର
କହିକି ଯିଏ ପାଳେନି କଥା
ନିହାତି ଅସୁନ୍ଦର
ମିଠା ମହକ ନଥାଏ ଜମା
କୁତ୍ସିତ କଦାକାର
ଗୁଣ ଚରିତ୍ର ବାଣ୍ଟେ ମହକ
ଏଠି ସେଠି ସବୁଠି
ଗୁଣ ଆଦରି ଚରିତ୍ର ଲୋଡ଼ି
ଗୁଣ ନେବା ସାଉଁଟି
ରୂପରଙ୍ଗଠୁ ଗୁଣ ଅଧିକ
ଗୁଣରେ ସନମାନ
ଗୁଣ ଚରିତ୍ର ଯା'ର ନଥାଏ
ସେ ହୁଏ ହୀନିମାନ
ରୂପ ଥାଇକି ରଙ୍ଗ ଥାଇକି
ତହିଁରେ ଥିଲେ ଗୁଣ
ତାର ଆଦର ସର୍ବକାଳୀନ
ଲଭଇ ଯଥାମାନ୍ୟ ।

*ବଉଦରାଜ, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



# ପଳାଶ ଫୁଲ

### *ନଳିନୀ ଦାଶ*

ପଳାଶ ଫୁଲ ମୁଁ ପଳାଶ ଫୁଲ
ରୂପଟି ମୋହର ଅମୂଲ ମୂଲ
ଫଗୁଣ ମାସରେ ଫୁଟି ମୁଁ ଯାଏ
ମଳୟ ବହିଲେ ଝୁଲୁ ମୁଁ ଥାଏ
ଯାଇଥାଏ ଦେହେ ଖରାକୁ ସହି
ମୋ ପାଇଁ ସୁନ୍ଦର ଦିଶଇ ମହୀ
ନାଲି ଗୁଲୁଗୁଲୁ ଦେହଟି ମୋର
ମତେ ଦେଖି ଉଡି ଆସେ ଭଅଁର
ଛିଟ ପ୍ରଜାପତି ଆସଇ ଉଡି
ଚାରିପାଖେ ଘୂରେ ଅଳସ ତଡ଼ି
ମହୁମାଛି ଆସି ଉପରେ ବସେ
ମହୁ ଶୋଷିନିଏ ମନ ହରଷେ
ଫୁଟି ଯାଇଅଛି ଫୁଲଙ୍କ ମେଳେ
ବିଭୁ ଆଶିଷରୁ ଧରଣୀ କୋଳେ
ସାତ ରଙ୍ଗର ଅବିରକୁ ବୁଣି
ବାଟୋଇଙ୍କ ମନ ନେଉଛି କିଣି
ବାସନା ମୋ ନାହିଁ ଫୁଟିକି ରହେ
ରୂପ ମାଧୁରୀରେ ମନକୁ ମୋହେ
ପୂଜା ପରବରେ ଲୋଡା ହୁଅଇ
ଜନମି ଧରାରେ ଧନ୍ୟ ମଣଇ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*



# ଆସିଲାଣି ଖରା ମାଡ଼ି

### *ଜୟନ୍ତ କୁମାର ମଲ୍ଲିକ*

ଦିନ ପରେ ଦିନ ବଢୁଛି ତାତି
ଶୋଇ ହେଉ ନାହିଁ ଦିନ କି ରାତି
ବଢ଼ି ବଢ଼ି ଖରା ହେଉଛି ଟାଣ
ଲାଗଇ ସତେକି ଫଟକା ବାଣ
ଗାଡ଼ିଆ ପୋଖରୀ ପାଣି ତାତିଲା
ପାଣିକି ଯିବନି ଜାଣରେ ପିଲା
ବେଶି ଖରା ହେଲେ ବାହାର ନାହିଁ
ଏକଥା ସଭିଙ୍କୁ କୁହ ବୁଝାଇ
ଜରୁରୀ ପଡ଼ିଲେ ଯିବ ପଦାକୁ
ଭୁଲିବନି ସାଥେ ଟୋପି ନବାକୁ
ଖରାଦିନ ପାଇଁ ସାଥି ତୁମର
କହିଦେଲି ଆଜି ଏଇ ଗୁମର
ଏହି କଥାଟିକୁ ମନେ ରଖିବ
ଅଂଶୁଘାତ ଠାରୁ ଦୂରରେ ଥିବ
ଗୁରୁ ଗୁରୁଜନ କଥା ମାନିବ
ତେବେ ଯାଇ ସୁନା ପିଲା ହୋଇବ ।

*ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ:୯୪୩୭୮୬୫୭୨୭*

# ଚାଲ ବୁଲି ଯିବା ନନ୍ଦନ କାନନ

### *କୀର୍ତ୍ତନ ସାହୁ*



ଚାଲ ବୁଲି ଯିବା ନନ୍ଦନ କାନନ
ସାଙ୍ଗ ସାଥୀ ହୋଇ ଆମେ
କେତେ ପଶୁ ପକ୍ଷୀ ଦେଖିବା ସେଠାରେ
ନିଶ୍ଚୟ ଆସିବ କାମେ

ଗୋଟିଏ ପାଖରେ ବାଘ ରହି ଥିବେ
ଦେଖିବା ସେଠାକୁ ଯାଇ
କିଏ ତ ମାଟିଆ କିଏ କଳା ମିଶା
ପଟା ପଟା ଗାର ଥାଇ

ହରିଣ ଦେଖିବା ଦଳ ଦଳ ହୋଇ
ମାରୁଥିବ କିଏ ଡିଆଁ
କଳା ମଚ ମଚ ଭାଲୁ ବି ଦେଖିବା
ଡର ତାଙ୍କ ଦେଖି ନିଆଁ

କେତେ ରକମର ପକ୍ଷୀକୁ ଦେଖିବା
ଭଳି ଭଳି ତାଙ୍କ ରଙ୍ଗ
କିଚିରି ମିଚିରି ସ୍ୱର ଶୁଭୁଥିବ
କେତେ କାଢୁଥିବେ ଢଙ୍ଗ

ସାପ ସହ କେତେ ସରୀସୃପ ପ୍ରାଣୀ
ଦେଖି ଖୁସି ହେବ ମନ
ପଶୁ ପକ୍ଷୀ ଯେତେ ପ୍ରାଣୀ ଜଗତ ହିଁ
ଆମରି ଅସଲ ଧନ

ଜଳାଶୟ ମଧ୍ୟେ ଜଳ ହସ୍ତୀ ଦେଖି
ମନ କୁଣ୍ଢେ ମୋଟ ହେବ
ପିଲାଙ୍କ ରେଳରେ ବୁଲି ଆସିଲେରେ
ଆଉ ଟିକେ ଖୁସି ଦେବ

ମଝିରେ ମଝିରେ ନନ୍ଦନ କାନନ
ନିଶ୍ଚୟଟି ବୁଲି ଯିବା
କେତେ କେତେ ପଶୁ ପକ୍ଷୀ ଦେଖି ଆମ
ମନ ଖୁସି କରୁଥିବା ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ନିଜ ଭଲ ଗୁଣ ବିତରି ଜଗତେ

### *ରାମଚନ୍ଦ୍ର ବେହେରା*



ରଂଗ ସିନା ମୋର କଳା ମିଚିମିଚି
କଣ୍ଠ ମୋ ମଧୁର ମିତ
ଆମ୍ବ ଡାଳେ ବସି ଗୀତ ଗାଏ ହସି
ଯେବେ ଫେରିଯାଏ ଶୀତ
ବସନ୍ତ ଆସିଲେ ଆମ୍ବ ବଉଳଇ
ଚହଟଇ ଚଉପାଶ
ଦୂରକୁ ଶୁଭଇ କୁହୁ ଗୀତ ମୋର
ମୁଖେ ଭରିଦିଏ ହସ
ମୋ ମିଠା ସଂଗୀତ ଅମୃତ ସମାନ
କିଣଇ ସବୁରି ମନ
ବଇଁଶୀର ସ୍ୱନ ବୀଣାର ଝଂକାର
ମୋ ସ୍ୱର ପାଶେ ନିଉନ
କଳା ରଂଗ ବୋଲି ଦୁଃଖ କରେ ନାହିଁ
ଆନନ୍ଦରେ ଗୀତ ଗାଏ
ମୋ ଗୀତ ପରଶେ ଦରଦୀ ପରାଣୁ
ଦୁଃଖ ଦୂର ହୋଇଯାଏ
ଶୀତ ଲୁଚିଗଲେ ଆସେ ମୁଁ ଧରାକୁ
ସାଜି ବସନ୍ତର ସଖା
ଗ୍ରୀଷମ ଆସିଲେ ଛୁପିଯାଏ ମୁହିଁ
ଆଉ ନ ଦିଅଇ ଦେଖା
ଉଚ୍ଚ ନୀଚ ଅବା ଦାରିଦ୍ର୍ୟତା ଭୁଲି
ନିଜ କାମେ ଧ୍ୟାନ ଦିଅ
ନିଜ ଭଲ ଗୁଣ ବିତରି ଜଗତେ
ମାନ ସନମାନ ପାଅ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୫୩୪୩୪୬*

# ବସନ୍ତକାଳୀନ ପର୍ବ

### ନିରଞ୍ଜନ ସାହୁ



ଋତୁ ଭିତରେ ଶ୍ରେଷ୍ଠ ବସନ୍ତ
ଫଗୁଣ, ଚୈତ୍ର ନେଇ
ସଭିଙ୍କ ମନ ହରଣ କରେ
ଅପାର ଖୁସି ଦେଇ
ଏହି ଋତୁରେ ପାଳନ ହୁଏ
ନାନାଜାତିର ପର୍ବ
ପର୍ବ ପାଳିକି ଆମେ ମନରେ
ଆଣିଥାଉ ଗର୍ବ
ଫଗୁଣ ମାସେ ଜାଗର ଯାତ୍ରା
ରାତିରେ ଉଜାଗର
ଦୀପ ଲଗାଇ ଭକତି ମନେ
ଜପିବା ଆମେ ହର
ମଙ୍ଗଳମୟ ଅଟନ୍ତି ଶିବ
ଅଳ୍ପକେ ଖୁସି ହେବେ
ଭକତି କଲେ ଦୟାକରିକି
ବର ଯାଚିକି ଦେବେ
ଫଗୁ ଦଶମୀ ଆସିଲେ ହେବ
ଉଛନ୍ନ ଆମ ମନ
ଦୋଳ ବିମାନେ ରାଧାମୋହନ
ବିଜେ ହୋଇବେ ଧନ
ଚାଚେରୀ ବୁଲା ଆରମ୍ଭ ହେବ
ଦିଅଁ ବୁଲିବେ ଗାଆଁ
ଆରମ୍ଭ ହେବ ରଙ୍ଗର ପର୍ବ
ଦୋଳଯାତ୍ରା ଯା' ନାଆଁ
ଦୋଳ ପୂର୍ଣ୍ଣିମା ବାସି ଦିନରେ
ହୋଲି ଖେଳଟା ହୁଏ
ରଙ୍ଗ, ଅବିର, ପିଚକାରୀଟେ
କିଣି ଆଣିବ ଛୁଏ
ରାସାୟନିକ ରଙ୍ଗ ଆଣିକି
ଖେଳିବ ନାହିଁ କେବେ
ଭାଇଚାରାରେ ଖେଳିବ ହୋଲି
ଶୁଣିରଖିଥା' ଏବେ
ଚଇତ୍ର ମାସେ ଆସିବ ପୁଣି
ହିନ୍ଦୁଙ୍କ ନବବର୍ଷ
ଚଇତ୍ର ଶୁକ୍ଳ ପ୍ରତିପଦରେ
ଭରିବା ମନେ ହର୍ଷ
ବାସନ୍ତୀ ଦୁର୍ଗା ପୂଜା ହୋଇବେ
ପୂଜା ମଣ୍ଡପ ଶୋଭା
ପୀଠରେ ପୁଣି ପୂଜା ଚାଲିବ
ଦିଶିବ ମନଲୋଭା
ନବରାତ୍ରରେ ନବଦୁର୍ଗାଙ୍କ
ପୂଜା ଚାଲିବ ଜାଣ
ମାତୃକୃପାକୁ ଭରସା କରି
ମନରେ ଭକ୍ତି ଆଣ
ଅଶୋକାଷ୍ଟମୀ ପାଳନ ହେବ
ଲିଙ୍ଗରାଜଙ୍କ ପାଇଁ
ରୁକୁଣା ରଥ ଦେଖିବା ଲାଗି
ଚାଲରେ ଯିବା ଧାଇଁ
ରାମନବମୀ ପାଳନ କରି
ସ୍ମରିବା ରାମ ରାମ
ରାମଚନ୍ଦ୍ରଙ୍କ ଜନମ ଦିନ
ଜପିବା ରାମ ନାମ
ଚୈତ୍ର ପୂର୍ଣ୍ଣିମା ହିଙ୍ଗୁଳା ଯାତ୍ରା
ଭୁଲିବ ତାକୁ କିଏ
ନାନା ସ୍ଥାନରେ ଯଜ୍ଞ ଚାଲଇ
ଆନନ୍ଦ ଆଣି ଦିଏ
ସାରା ବସନ୍ତ ଋତୁରେ ପାଳି
ପରବ ଜାତି ଜାତି
ଖୁସି ମନରେ ବଡ଼ ଶ୍ରଦ୍ଧାରେ
ଯିବାରେ ଆମେ ମାତି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ବସନ୍ତ ଆସିବ ଧରଣୀ ହସିବ

### *ନୀଳମଣି ଚାନ୍ଦ*



ମଳୟ ମରୁତ ଦକ୍ଷିଣ ଦିଗରୁ
ବହିବାର ବେଳ ହେଲା
ଉତ୍ତର ଦିଗରୁ ହେମାଳ ବାଆଟି
ଏବେରେ ବିଦାୟ ନେଲା

ଆମ୍ବ ତୋଟାଟିରୁ ଭାସି ଆସିବରେ
କୋଇଲିର କୁହୁ ସ୍ୱର
ମନ ଭରେଇବ ଯିଏ ରହିଥାଉ
ନିକଟେ ଅବାରେ ଦୂର

ପେନ୍ଥି ପେନ୍ଥି ପେନ୍ଥି ବଉଳରେ ଯିବ
ରସାଳ ପାଦପ ଭରି
ଋତୁରାଜ ନାମ ଶୁଣି ଲୁଚିଯିବ
ଶୀତଟି କୁଆଡ଼େ ଡରି

ଦୋଳରେ ଓଗାଳ, ଫଗୁ ବୋଳାବୋଳି
ହୋଲି ବେଳେ ପିଚକାରି
ମଜା ଭରିଦେବ ସଭିଙ୍କୁ ଆସିରେ
ବସନାହିଁ ମନମାରି

ରାଜା ସିଂହାସନ, ରାଇଜ ନାଇଁରେ
ହେଲେ ତ ବସନ୍ତ ରାଜା
ଫଗୁଣ ଚୈତ୍ରରେ ତା ନାଆଁଟି ଶୁଣି
ବଜାଅ ଟମକ ବାଜା

ବସନ୍ତ ଆସିବ ଧରଣୀ ହସିବ
ଲାଗିବ ସବୁରେ ନୂଆ
ଡେରି କରନାହିଁ ସବୁ ମିଶିଯାଇ
ହେବା ଆସ ଗାଆଁମୁହାଁ ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ଭଲପିଲା

### *ପ୍ରଶାନ୍ତ କୁମାର ଦାଶ*

ଭଲ ଖାଦ୍ୟ ଖୋଇଦିଏ
ବୋଉ ମନଜାଣି
ଭଲ ବହି ବଜାରରୁ
ଦିଏ ଅପା ଆଣି

ଭଲ ପିନ୍ଧିବାକୁ କୁନା
କରେ ନିତି ଅଳି
ଭଲ ପୋଷାକରୁ ସେତ
ପୋଛିଦିଏ ମଳି

ଭଲଗୀତ ଗାଇ ମନ
କିଣିନିଏ ମୁନା
ଭଲପାଠ ପଢେ ବସି
ପଢାଘରେ ଝୁନା

ଭଲ ଛବି ଆଙ୍କେ ହସି
ଆମ କୁନି ପୁଅ
ଭଲ କହିଦେଲେ ତାକୁ
ଛୁଟେ ହସସୁଅ

ଭଲକାମ କଲେ ବାପା
ହୋଇଯାନ୍ତି ଖୁସୀ
ଭଲପିଲା ସବୁବେଳେ
ଯଶପାଏ ବେଶି

ଭଲଖେଳ ଖେଳେ ସୋନୁ
ପାଠପଢା ସାରି
ଭଲ ଗପ ଶୁଣେ ସାନୁ
ବସି ସପପାରି

ଭଲ ଯିଏ ତାପାଦରେ
ମଥାଯାଏ ନଇଁ
ଏ ଦୁନିଆ ହସିଉଠେ
ଭଲକାମ ପାଇଁ

ଭଲପିଲା ଏ ଦେଶର
ହୀରା ନୀଳା ମଣି
ହସ ଯଶ ଗଉରବ
କୀରତିର ଖଣି ।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*



# ଆମ ଭିତରେ ସିଏ ଅଛି

## କୁନଲତା ତ୍ରିପାଠୀ

ପାହାଡ ତଳି ଅଞ୍ଚଳରେ ମଧୁପୁର ବୋଲି ଗାଁଟିଏ । ସେ ଗାଁରେ ମା- ବାସନ୍ତୀ ଓ ପୁଅ- ରବି ଦୁଇଜଣ ରହୁଥାନ୍ତି । ବାପା ମରିଯିବାରୁ ପଇସା-ପତ୍ର ଅଭାବରୁ ପିଲାଟି ବେଶି ପାଠ-ଶାଠ ପଢିପାରୁ ନଥାଏ । ତାର ପାଠପଢା ପ୍ରତି ଆଗ୍ରହ ମଧ ନାହିଁ । ବାଧ ହୋଇ ବାସନ୍ତୀ, ମଧୁପୁର ଗାଁ ଛାଡି ରବିକୁ ଧରି ପାଖ ସହରକୁ ଚାଲିଆସିଲା । ବାବୁ ବାବୁଆଣୀମାନଙ୍କ ଘରେ ବାସନ ମାଜି ଗୁଜୁରାଣ ମେଣ୍ଟାଇଲା । ଗୋଟେ ସରକାରୀ ସ୍କୁଲ୍‌ରେ ରବିର ନାମ ଲେଖାଇଦେଲା । ରବିକୁ ପାଠ ପଢାଇବା ପାଇଁ ବାସନ୍ତୀ ପାଞ୍ଚ ଦଶ ଘରେ କାମ ଧରିଲାଣି । ମାତ୍ର ଖାଇ, ପିନ୍ଧି, ଘର ଚଳାଇ ବ୍ୟାଗ୍ ବସ୍ତାନିକୁ ଟଙ୍କା ପଇସା ନିଅଣ୍ଟ ପଡେ । ଅଭାବି ସଂସାରକୁ ଦୁଃଖୀ ମାଟି ମନ ପୋଡିଯାଏ । ଅଥଚ ସେ ଅନ୍ୟ ସାଙ୍ଗମାନଙ୍କ ସହିତ ପୁଅ ରବିକୁ ଜଣେ (ସମାନ) କରି ଖୁସି ରଖିବା ପାଇଁ ତା ପେଟ ଭୋକ ପେଟରେ ମାରେ । ଆଶା ରଖିଥାଏ ପୁଅ ପାଠ ପଢି ବଡ ମଣିଷ ହେଲେ ତା ଦୁଃଖ ପାଣି ଫୋଟକା ପରି କୁଆଡେ ମିଳାଇଯିବ । ଇଚ୍ଛା ଥିଲେ, ଉପାୟଟିଏ ନିଶ୍ଚିତ ଆସେ । ଗୋଟେ ବଡ ହୋଟେଲ୍‌ରେ ତାକୁ ଚାକିରୀଟିଏ ମିଳିଗଲା । ଖୁସିରେ ଫାଟିପଡିଲା ବାସନ୍ତୀ । କୋଉ ନଅ ଟା ନା ଛଅଟା, ଗୋଟିଏ ବୋଲି ତ ପୁଅ । ତାରି ପାଇଁ ଏତେ କଥା । ହୋଟେଲ୍‌ରେ ପ୍ରାୟ ଖାଇବା ମାଗଣା ମିଳିଯାଉଥାଏ । ବଡ ବଡ ବାବୁ ବାବୁଆଣିମାନେ ମଧ କିଛି କିଛି ବକ୍ସିସ୍ ଦେଉଛନ୍ତି । ତା ପୁଅ ପାଠ ପଢି ନିଶ୍ଚିତ ବଡ ମଣିଷଟିଏ ହେବ, ଭଗବାନ୍ ବୋଧେ ଏହା ହିଁ ତା କପାଳରେ ଲେଖିଛନ୍ତି ।

ଦରମା ପାଉ ପାଉ ରବିର ନୂଆ ପ୍ୟାଣ୍ଟ, ସାର୍ଟ, ଜୋତା, ମୋଜା ସବୁ କିଣିଦେଲା ମା' ବାସନ୍ତୀ । ନୂଆ ବ୍ୟାଗ-ବସ୍ତାନି ଧରି ମନ ଖୁସିରେ ରବି ସ୍କୁଲ୍ ଗଲା । ଦିନେ ସେ ସ୍କୁଲ୍‌ରୁ ଫେରି ତା ବ୍ୟାଗରୁ ଗୋଟେ ନୂଆ ଜ୍ୟାମିତି ବାକ୍ସ ବାହାର କରି ତା ଭିତରେ ଥିବା ପ୍ରୋଟ୍ରାକ୍ଟର ଇତ୍ୟାଦି ପ୍ରତିଟି ଜିନିଷ ଦେଖି ତାପରେ ତାକୁ ଘରେ ରଖିଦେଲା । ମା' ତାକୁ ପଚାରିବାରୁ କହିଲା କି ତା ସାଙ୍ଗ ତାକୁ ଏଇଟା ଦେଇଛି, ତା ପାଠ ପଢାରେ କାମରେ ଆସିବ । ମା' ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କଲା ପ୍ରଭୁ ମୋ ପୁଅକୁ ସଦ୍‌ବୁଦ୍ଧି ଦିଅ । ଅନ୍ୟ ପିଲାମାନଙ୍କ ସହିତ ସାଥିହୋଇ ଖୁସିରେ ସେ ଭଲ ପଢୁ । ଗୁରୁ ଗୁରୁଜନଙ୍କୁ ମାନି ଭବିଷ୍ୟତରେ ଭଲ ମଣିଷଟିଏ ହେଉ । ଦିନେ ବାସନ୍ତୀ ରବିର ପାଠ ପଢା କଥା ବୁଝିବା ପାଇଁ ସ୍କୁଲ୍ ଯାଇ ଶିକ୍ଷକ- ଶିକ୍ଷୟିତ୍ରୀ ମାନଙ୍କୁ ଭେଟିଲା । ସମସ୍ତେ ରବି ବିଷୟରେ ବହୁତ ଭଲ ପିଲାଟିଏ ଓ ଭଲ ପଢୁଛି ବୋଲି ମନ୍ତବ୍ୟ ଦେଲେ । ତା ଭବିଷ୍ୟତ ଜୀବନ ନିଶ୍ଚିତ ଉଜ୍ଜ୍ୱଳ । ମା' ମନ ଖୁସି ।

ଗଣିତ, ବିଜ୍ଞାନ, ସାହିତ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଷୟରେ ପରୀକ୍ଷାରେ ରବି ଶତକଡା ୮୦- ୯୦ ନମ୍ବର ରଖୁଥାଏ । ସବୁ ଶିକ୍ଷକ ଓ ସାଙ୍ଗମାନେ ତାକୁ ଭାରି ଭଲପାଉଥାନ୍ତି । ଦିନେ ଦିନେ ରବି ନୂଆ ନୂଆ ଖାତା, କଲମ, ପେନ୍‌ସିଲ୍ ଇତ୍ୟାଦି ଘରକୁ ଆଣେ । ବେଳେ ବେଳେ ଖେଳଣା ଇତ୍ୟାଦି ଆଣିଥାଏ । ବାସନ୍ତୀ ଖୁସି ହୁଏ । ରବି ଭଲ ପଢୁଛି ବୋଲି ସିନା ସାଙ୍ଗମାନେ ଏତେ ଜିନିଷ ତାକୁ ଦେଉଛନ୍ତି, ନ ହେଲେ କିଏ କାହିଁକି ବା ପଚାରନ୍ତା ।

ଦିନକର ଘଟଣା ରବି ସ୍କୁଲରୁ ଫେରିଲା । ମା' ତାକୁ ଖାଇବାକୁ ଡାକୁଥାନ୍ତି । ସେ କିଛି ଗୋଟେ ଜିନିଷ ତା' ସ୍କୁଲ୍ ବ୍ୟାଗରୁ ବାହାର କରି ବାକ୍ସରେ ଚାବି ପକାଇରଖିଲା । ତାପରେ ଖାଇଲା । ରାତିରେ ରବି ଶୋଇବା ପରେ, ମା' ତାର ବାକ୍ସ ଖୋଲି ଜିନିଷଟି ଦେଖି ଆଶ୍ଚର୍ଯ୍ୟ ହୋଇଗଲ । ତା' ଗୋଟେ ସୁନା ଚେନ୍ । ରବି ଚେନ୍‌ଟି କେଉଁଠାରୁ ଆଣିଛି ଜାଣିବା ପାଇଁ ବାସନ୍ତୀ ଚେନ୍‌ଟି ଲୁଚାଇ ରଖିଲା ଓ ବାକ୍ସର ତାଲାଟି ଚୋର ଭାଙ୍ଗିବାପରି ଭାଙ୍ଗି ଦେଇ ଘୁଞ୍ଚାଇ ରଖିଦେଲା । ରାତି ପାହି ସକାଳ ହେଲା । ରବି ବାକ୍ସଟିର ତାଲା ଭାଙ୍ଗିଛି ଦେଖି, ତା ଭିତରୁ ମନେ ମନେ ଚେନ୍‌ଟି ଖୋଜି ନପାଇ ଚୋର ନେଇଛି ବୋଲି ଭାବି ଭୋ ଭୋ ହୋଇ କାନ୍ଦିଉଠିଲା । ବାସନ୍ତୀ ରାଣ- ନିୟମ ଦେଇ ରବିକୁ ତା କାନ୍ଦିବାର କାରଣ ପଚାରିଲା । ମା' ଆଗରେ ସତ କଥା ଲୁଚାଇ ନପାରି ପୁଅ କହିଲା- କାଲି ମୋ ସାଙ୍ଗ ବାବୁର ଜନ୍ମଦିନ ଥିଲା । ସେ ଗୋଟେ ସୁନା ଚେନ୍ ପକାଇ ସ୍କୁଲ୍ ଆସିଥିଲା । ସାର୍, ସୁନା ଚେନ୍ ଦେଖି କାଳେ ରାଗିଯିବେ ବୋଲି ବ୍ୟାଗ ଭିତର ଚେନ୍‌ଟି ଖୋଲି ସେ ରଖିଦେଲା । ମୁଁ ସୁଯୋଗ ଦେଖି ତାକୁ ଚୋରାଇ ଆଣିଥିଲି । ଏବେ ତାକୁ ଚୋର ନେଇଯାଇଛି । ମା' କହିଲା ଚୋରି ଜିନିଷ ଚୋରୀରେ ଗଲା । ମା' କଥା ଶୁଣି ରବି କୋହ ସମ୍ଭାଳି ନପାରି ଆହୁରି ଜୋର୍‌ରେ କାନ୍ଦି ପକାଇଲା । ବାସନ୍ତୀ ବୁଝାଇ ପୁଅକୁ କହିଲା ତୋ' ନିଜ ଜିନିଷ ନହୋଇ ତୁ ଚେନ୍‌ଟି ଚୋରି ହୋଇଗଲା ବୋଲି ଏତେ ଦୁଃଖରେ କାନ୍ଦୁଛୁ, ଯାହାର ନିଜ ଚେନ୍ ସେ କେତେ ଦୁଃଖରେ କାନ୍ଦୁନଥିବ । ଆଉ ଦିନେ ଯେପରି ଏଭଳି କୁକାର୍ଯ୍ୟ ନକରୁ । ସତ୍ୟ ହେଉଛି ପରମ ଧର୍ମ । କେବେ ଅସତ୍ୟ କହିବା ନାହିଁ । ସତରେ ଭାତ ମିଳେ । କର୍ମ ହିଁ ଭଗବାନ । ଛାତ୍ରର ଅଧ୍ୟୟନ କରିବା ହିଁ ଉପାସନା । ଚୋରି ନୁହେଁ । ମିଥ୍ୟାବାଦୀ ଚୋର ଦଣ୍ଡ ପାଇବା ଦରକାର । ରବିକୁ କିଛି ବୁଦ୍ଧି ବାଟ ଦିଶୁ ନଥାଏ ।

ସ୍କୁଲ୍‌ରେ ସଭା ବସିଲା । ବାବୁ କାନ୍ଦି କହୁଥାଏ ମୁଁ ଚେନ୍‌ଟି ଖୋଲି ବ୍ୟାଗରେ ରଖିଥିଲି ସାର୍ । ଘରେ ଯାଇ ଦେଖିଲା ବେଳକୁ ଚେନ୍‌ଟି ନାହିଁ । ପ୍ରଧାନ ଶିକ୍ଷକ କହିଲେ ପ୍ରଥମ ଭୁଲ୍ ତୁ ପାଠ ପଢିବାକୁ ଆସି ଚେନ୍ ପିନ୍ଧିଥିଲୁ କାହିଁକି । ଦ୍ୱିତୀୟ ଭୁଲ୍- ଚେନ୍ ଖୋଲି ବ୍ୟାଗ ଭିତରେ ରଖିବା ନିଶ୍ଚିତ ତୁ ତାକୁ କେଉଁଠି ହଜାଇ ଦେଇଛୁ ।

ବାବୁ କହୁଥାଏ- ନାଁ ସାର, ମୁଁ ହଜାଇନି । ବ୍ୟାଗ ଭିତରେ ରଖିଥିଲି ।

ଶିକ୍ଷକ କହିଲେ- ତେବେ ଆମରି ଭିତରୁ କିଏ ହେଲେ ଚୋରି କରିଥିବ ନିଶ୍ଚିତ ।

ହଟାତ୍ ରବି ଛିଡା ହୋଇପଡି କହିଲା ଆଜ୍ଞା ସାର୍- ଆମରି ଭିତରେ ସିଏ ଅଛି ।

ଶିକ୍ଷକ କହିଲେ- ଆଚ୍ଛା ରବି ତୁ ବାବୁର ପାଖ ପିଲା ପୁଣି ପାଠୁଆ ବୁଦ୍ଧିଆ । ନିଶ୍ଚିତ ଚୋର ପିଲାକୁ ତୁ ଜାଣିଛୁ । ତେବେ କହ ସେ କିଏ ?

ପ୍ରତ୍ୟେକ ପିଲା ଉତ୍କଣ୍ଠିତ ହୋଇ ପରସ୍ପରକୁ ଚାହୁଁଥିଲେ, ଚୋର କିଏ ଜାଣିବା ପାଇଁ ।

ଆଜ୍ଞା ସାର୍- ଆମରି ଭିତରେ ସିଏ ଅଛି ରବି କହୁଥାଏ । ସଭା କକ୍ଷରେ ମା' ବାସନ୍ତୀ ହାତରେ ଚେନ୍ ଦେଖି ସଂଜ୍ଞାହୀନ ହୋଇ ପଡିଲା ରବି ।

ଅବଚେତନ ଅବସ୍ଥାରେ ସେ ବାରମ୍ବାର କହୁଥାଏ- ଆଜ୍ଞା ସାର୍- ଆମରି ଭିତରେ ସିଏ ଅଛି ।

*କଟକ*
*ଫୋନ୍-୮୩୩୯୦୫୧୧୭୩*

# ଦିନିକିଆରୁ ଅବସର ଘୋଷଣା କଲେ ଷ୍ଟିଭ୍ ସ୍ମିଥ୍



**ନୂଆଦିଲ୍ଲୀ**

ଦିନିକିଆ କ୍ରିକେଟରୁ ଅବସର ନେଲେ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍‌ର ଅଧିନାୟକ ଷ୍ଟିଭ୍ ସ୍ମିଥ୍ । ଚାମ୍ପିଅନ୍ସ ଟ୍ରଫି ସେମି ଫାଇନାଲରେ ପରାଜୟ ପରେ ଦିନିକିଆ କ୍ରିକେଟରୁ ଅବସର ନେଲେ ଷ୍ଟିଭ୍ । ଦୁବାଇରେ ଭାରତ ବିପକ୍ଷ ମ୍ୟାଚ୍‌ରେ ପରାଜୟ ହୋଇଥିଲା ଅଷ୍ଟ୍ରେଲିଆ। ୧୭୦ଟି ଦିନିକିଆ ଖେଳି ଶେଷରେ ଅବସର ଘୋଷଣା କଲେ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମର ଅଧିନାୟକ।

ମଙ୍ଗଳବାର ଟିମ୍ ଇଣ୍ଡିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ ସ୍ମିଥ୍। ୯୬ଟି ବଲରେ ୭୩ ରନ୍ କରିଥିଲେ ସ୍ମିଥ୍ ମାତ୍ର ତାଙ୍କ ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ଅଷ୍ଟ୍ରେଲିଆ ହାରିଯାଇଛି। ଆଉ ଏହି ପରାଜୟ ପରେ ଦିନିକିଆରୁ ସନ୍ନ୍ୟାସ ନେଇଛନ୍ତି ସ୍ମିଥ୍ । ୨୦୧୫ ଏବଂ ୨୦୨୩ରେ ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ବିଜେତା ହୋଇଥିବା ବେଳେ ସ୍ମିଥ୍ ଏହି ବିଜୟୀ ଟିମ୍‌ରେ ଥିଲେ ଯାହା ତାଙ୍କ ପାଇଁ ଏକ ସୁବର୍ଣ୍ଣ ଏବଂ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ସ୍ମିଥ୍ । ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପରାଜୟ ପରେ ୩୫ ବର୍ଷୀୟ ଷ୍ଟିଭ୍ ସ୍ମିଥ୍ ତାଙ୍କ ଦଳର ସାଥୀମାନଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଜଣାଇଥିଲେ। ଷ୍ଟିଭ୍ ସ୍ମିଥ୍ କହିଛନ୍ତି, 'ଏହା ଏକ ସୁନ୍ଦର ଯାତ୍ରା ଥିଲା ଏବଂ ମୁଁ ଏହାର ପ୍ରତ୍ୟେକ ମିନିଟ୍ ଉପଭୋଗ କରିଛି।' ବହୁତ ସୁନ୍ଦର ମୁହୂର୍ତ୍ତ ଏବଂ ଆଶ୍ଚର୍ଯ୍ୟଜନକ ସ୍ମୃତି ଅଛି। ଦୁଇଟି ବିଶ୍ୱକପ୍ ଜିତିବା ଏକ ବଡ଼ ସଫଳତା ଥିଲା। ଏହି ଯାତ୍ରାକୁ ବାଣ୍ଟିବା ପାଇଁ ଅନେକ ଚମତ୍କାର ସାଥୀ ଥିଲେ। ୨୦୨୭ ଓଡିଆଇ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିବାର ଏହା ଏକ ମହାନ ସୁଯୋଗ, ତେଣୁ ଏହା ସଠିକ୍ ସମୟ ପରି ମନେ ହେଉଛି।

ଷ୍ଟିଭ୍ ସ୍ମିଥ୍ ଆହୁରି କହିଛନ୍ତି, 'ଟେଷ୍ଟ କ୍ରିକେଟ୍ ଏବେ ବି ପ୍ରାଥମିକତା ଏବଂ ମୁଁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍, ଶୀତ ଋତୁରେ ୱେଷ୍ଟଇଣ୍ଡିଜ୍ ଏବଂ ତା'ପରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଖେଳିବାକୁ ଉତ୍ସାହିତ।' ମୁଁ ଭାବୁଛି ଯେ ସେହି ପ୍ଲାଟଫର୍ମରେ ମୋର ଆହୁରି ବହୁତ କିଛି ଯୋଗଦାନ ଦେବାକୁ ଅଛି। ଷ୍ଟିଭ୍ ସ୍ମିଥ୍ ୨୦୧୦ ମସିହାରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ। ଏହି ସମୟ ମଧ୍ୟରେ ସେ ଅଷ୍ଟ୍ରେଲିଆ ପାଇଁ ମୋଟ ୧୭୦ଟି ଓଡିଓ ମ୍ୟାଚ୍ ଖେଳିଥିଲେ। ଏକଦିବସୀୟ ମ୍ୟାଚ୍‌ରେ ସେ ୪୩.୨୮ ହାରରେ ୫୮୦୦ ରନ୍ କରିଥିଲେ, ଯେଉଁଥିରେ ୩୫ଟି ଅର୍ଦ୍ଧଶତକ ଏବଂ ୧୨ଟି ଶତକ ଅନ୍ତର୍ଭୁକ୍ତ।

# ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ

**ଲାହୋର**

ରଚିନ ରବୀନ୍ଦ୍ର ଓ କେନ ୱିଲିୟମସନଙ୍କ ଶତକ ପରେ ବୋଲରଙ୍କ ଦମ୍‌ଦାର ବୋଲିଂ ବଳରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଦ୍ୱିତୀୟ ସେମି ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ୫୦ ରନରେ ହରାଇଛି ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ଫାଇନାଲ୍‌ରେ ପ୍ରବେଶ କରିଛି। କିୱି ଦଳ ମୋଟ୍ ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପହଞ୍ଚିଛି। ପରାଜୟ ସହ ଦକ୍ଷିଣ ଆଫ୍ରିକାର ଚାମ୍ପିଅନ୍ସ ଟ୍ରଫି ଅଭିଯାନ



ସମାପ୍ତ ହୋଇଛି। ଆଉ ପୁଣି ଥରେ ସେମିରୁ ଝୁଣ୍ଟି ଚୋକର୍ସ ଧାରାକୁ ବଜାୟ ରଖିଛି ଦକ୍ଷିଣ ଆଫ୍ରିକା। ଏବେ ମାର୍ଚ୍ଚ ୯ ତାରିଖରେ ଦୁବାଇରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟାଇଟଲ୍ ମୁକାବିଲା ଖେଳାଯିବ।

ବୁଧବାର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ରଚିନ ରବୀନ୍ଦ୍ରଙ୍କ ୧୦୮ ରନ ଓ କେନ ୱିଲିୟମସନଙ୍କ ୧୦୨ ରନ ବଳରେ ୬ ୱିକେଟ୍ ହରାଇ ୩୬୨ ରନର ବିଶାଳ ସ୍କୋର କରିଥିଲା। ଡିରେଲ ମିଚେଲ୍ ୪୯ ରନ ଓ ଗ୍ଲେନ ଫିଲିପ୍ସ ୪୯ ରନର ଉପଯୋଗୀ ରନ କରିଥିଲେ।

ଜବାବରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ହରାଇ ୩୧୨ ରନ କରି ପାରିଥିଲା। ଦଳ ପକ୍ଷରୁ ରସି ଭାନ ଡର ଡସେନ ୬୯ ରନ ଓ ତେମ୍ବା ବାଭୁମା ୫୬ ରନ କରିଥିଲେ। ଡେଭିଡ୍ ମିଲର ଅପରାଜିତ ୧୦୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ମଧ୍ୟ ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର ୩ଟି ୱିକେଟ୍ ଅକ୍ତିଆର କରିଥିଲେ।

# ପାକିସ୍ତାନକୁ ବଡ଼ ଝଟ୍‌କା: ଭାରତ ଫାଇନାଲକୁ ଯିବା ପରେ ବଡ଼ କ୍ଷତି ସହିବ ପିସିବି

**ଇସଲାମାବାଦ୍**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ କଥା କଟାକଟି ଚାଲିଥିଲା। ଶେଷରେ ଟିମ୍ ଇଣ୍ଡିଆ ପାଇଁ ହାଇବ୍ରିଡ୍ ମଡେଲ ଗ୍ରହଣ କରାଯାଇଥିଲା। ଫଳରେ ଭାରତର ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ଲାହୋରରେ ଖେଳାଯିବାର ଥିଲା, କିନ୍ତୁ ଭାରତ ଫାଇନାଲରେ ପହଞ୍ଚିବା ଯୋଗୁ ଫାଇନାଲ ସ୍ଥାନକୁ ଲାହୋରରୁ ଦୁବାଇକୁ ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନ ଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ ୫୮୬ କୋଟି ଟଙ୍କାର ବଜେଟ ଅନୁମୋଦନ କରିଥିଲା। ଟୁର୍ଣ୍ଣାମେଣ୍ଟରେ



ମୋଟ ୧୫ଟି ମ୍ୟାଚ୍ ଖେଳାଯିବାକୁ ଥିଲା ଏବଂ ପ୍ରତ୍ୟେକ ମ୍ୟାଚ୍ ପାଇଁ ପ୍ରାୟ ୩୯ କୋଟି ଟଙ୍କା ବଜେଟ ରଖା ଯାଇଥିଲା। ଏପର୍ଯ୍ୟନ୍ତ ସେମିଫାଇନାଲ ସମେତ ଭାରତର ୪ଟି ମ୍ୟାଚ୍ ଦୁବାଇରେ ଖେଳା ଯାଇଛି। ମୂଳ କାର୍ଯ୍ୟସୂଚୀ ଅନୁଯାୟୀ, ଏହି ଚାରିଟି ମ୍ୟାଚ୍ ପାକିସ୍ତାନରେ ଖେଳାଯିବାର ଥିଲା। ଭାରତୀୟ ଦଳର ଚାରୋଟି ମ୍ୟାଚ ଯୋଗୁ ପିସିବି ଏପର୍ଯ୍ୟନ୍ତ ୧୫୬ କୋଟି ଟଙ୍କାର କ୍ଷତି ସହିଛି। ଭାରତ ଫାଇନାଲରେ ପହଞ୍ଚିଥିବାରୁ, ଏହା ଦୁବାଇରେ ମଧ୍ୟ ଖେଳାଯିବ। ଏହି କାରଣରୁ ପାକିସ୍ତାନର ମୋଟ କ୍ଷତି ୧୯୫ କୋଟି ଟଙ୍କାରେ ପହଞ୍ଚିବାକୁ ଯାଉଛି।

ପୂର୍ବରୁ ପାକିସ୍ତାନରେ ପଡ଼ିଆଗୁଡ଼ିକର ନବୀକରଣ କରାଯାଇଥିଲା। ପୂର୍ବରୁ ରାୱଲପିଣ୍ଡି, କରାଚୀ ଏବଂ ଲାହୋରର ପଡ଼ିଆର ନବୀକରଣ ପାଇଁ ୫୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଥିଲା। ପିସିବି ଆଶା କରୁଥିଲା ଯେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ପଡ଼ିଆ ଦର୍ଶକଙ୍କ ସହିତ ପରିପୂର୍ଣ୍ଣ ହେବ, କିନ୍ତୁ ଆଶାଠାରୁ କମ୍ ଲୋକ ମ୍ୟାଚ୍ ଦେଖିବାକୁ ଆସିଥିଲେ। ଗ୍ରୁପ ପର୍ଯ୍ୟାୟରୁ ପାକିସ୍ତାନ ବିଦାୟ ନେବା ଏବଂ ବର୍ଷା ଯୋଗୁ ଦୁଇଟି ମ୍ୟାଚ ବାତିଲ ହେବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଗଲା। ରାୱଲପିଣ୍ଡି ଗ୍ରାଉଣ୍ଡରେ ଟସ ବିନା ବାତିଲ ହୋଇଥିବା ମ୍ୟାଚ୍ ପାଇଁ ପିସିବିକୁ ଟିକେଟ ଟଙ୍କା ମଧ୍ୟ ଫେରସ୍ତ କରିବାକୁ ପଡ଼ିଥିଲା।

# ୧୪୩ ବୋଲରଙ୍କୁ ପଛରେ ପକାଇଲେ ବରୁଣ ଚକ୍ରବର୍ତ୍ତୀ

**ନୂଆଦିଲ୍ଲୀ**

ବରୁଣ ଚକ୍ରବର୍ତ୍ତୀ ଆର୍କିଟେକ୍ଟ ଅଧ୍ୟୟନ କରିଛନ୍ତି। କିନ୍ତୁ ସେ ଅନ୍ତର୍ଜାତୀୟ କ୍ରିକେଟର ମଇଦାନରେ ତାଙ୍କ ସଫଳତାର ଅଟ୍ଟାଳିକା ନିର୍ମାଣ କରୁଥିବା ପରି ମନେ ହେଉଛି। ବରୁଣଙ୍କ ଦକ୍ଷତା ଯୋଗୁ ଏବେ ଆଇସିସି ମଧ୍ୟ ତାଙ୍କୁ ସମ୍ମାନ ଦେଉଛି। ସଦ୍ୟତମ ଆଇସିସି ଓଡିଆଇ ବୋଲର ର‍୍ୟାଙ୍କିଙ୍ଗରେ ବିଶ୍ୱର ୧୪୩ ବୋଲରଙ୍କୁ ପଛରେ ପକାଇ ଭାରତୀୟ ସ୍ପିନର ଚହଳ ସୃଷ୍ଟି କରିଛନ୍ତି। ଡାହାଣହାତୀ ସ୍ପିନର ବରୁଣ ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫିରେ ଖେଳୁଛନ୍ତି, ଯେଉଁଠାରେ ସେ ଏପର୍ଯ୍ୟନ୍ତ ପାଇଥିବା ଦୁଇଟି ସୁଯୋଗର ଭରପୂର ଫାଇଦା ଉଠାଇଛନ୍ତି। ବରୁଣ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୨ଟି ମ୍ୟାଚ୍‌ରେ ୭ ଉଇକେଟ ନେଇଛନ୍ତି। ଏହି ୭ଟି ଉଇକେଟ ମଧ୍ୟରୁ ୫ ଉଇକେଟ ଗୋଟିଏ ମ୍ୟାଚ୍‌ରେ ରହିଛି। ଏଥିସହ ସେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ମଧ୍ୟ ସାମିଲ ହୋଇଛନ୍ତି। ଏବେ କେବଳ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ ଏବଂ ଭାରତର ମହମ୍ମଦ ଶାମି ତାଙ୍କଠାରୁ ଅଧିକ ଉଇକେଟ ନେଇଛନ୍ତି। କିନ୍ତୁ ଦୁହେଁ ତାଙ୍କଠାରୁ ଅଧିକ ମ୍ୟାଚ୍ ଖେଳିଛନ୍ତି।

ଆଇସିସି ଏକଦିବସୀୟ ବୋଲର ର‍୍ୟାଙ୍କିଙ୍ଗରେ ୧୪୩ ସ୍ଥାନ ଡେଇଁବା ପରେ ବରୁଣ ଚକ୍ରବର୍ତ୍ତୀ ଏବେ ୯୭ତମ ସ୍ଥାନରେ ପହଞ୍ଚିଛନ୍ତି। ଆଇସିସିର ଶ୍ରେଷ୍ଠ ୧୦ ଏକଦିବସୀୟ ବୋଲର ତାଲିକାରେ କୁଲଦୀପ ଯାଦବ ଏକମାତ୍ର ଭାରତୀୟ ଅଛନ୍ତି। ସଦ୍ୟତମ ର‍୍ୟାଙ୍କିଙ୍ଗରେ କୁଲଦୀପ ତିନି ସ୍ଥାନ ଖସି ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ଚାମ୍ପିଅନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ସେ ସଦ୍ୟତମ ଆଇସିସି ର‍୍ୟାଙ୍କିଙ୍ଗରେ ତିନି ସ୍ଥାନ ଉପରକୁ ଉଠି ୧୧ ନମ୍ବରରେ ପହଞ୍ଚିଛନ୍ତି। ରବିନ୍ଦ୍ର ଜାଡେଜା ୧୩ ନମ୍ବରରେ ରହିଛନ୍ତି। ଯେଉଁଠାରେ ମହମ୍ମଦ ସିରାଜ ଦୁଇ ସ୍ଥାନ ତଳକୁ ଖସି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି।

# ଜିଲ୍ଲାରେ କେବେ ହେବ କ୍ରୀଡ଼ା ଛାତ୍ରାବାସ ?

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୩୧ ବର୍ଷ ବିତିଗଲାଣି ସୁବର୍ଣ୍ଣପୁର ଜିଲ୍ଲା ଆତ୍ମପ୍ରକାଶ ହେବା। କିନ୍ତୁ ଜିଲ୍ଲା କ୍ରୀଡା ଛାତ୍ରବାସଟିଏ ପ୍ରତିଷ୍ଠା ହୋଇପାରି ନାହିଁ। ଗଡ଼ଜାତ ସମୟ ସୋନପୁର ରୟାଲ ପଡ଼ିଆରେ ଭାରତ ପ୍ରସିଦ୍ଧ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ୍ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯାହା ସୋନପୁର ଅଞ୍ଚଳ କ୍ରୀଡ଼ା ପ୍ରତି ଆଗ୍ରହ ନେଇ ସ୍ପଷ୍ଟ ଅନୁମେୟ ହୁଏ। ସୋନପୁର ସବ୍‌ଡିଭିଜନ ସ୍ତରରେ ବି କ୍ରୀଡ଼ାକୁ ନେଇ ବେଶ ଗୌରବାନ୍ୱିତ ରହିଥିଲା। ସେହି ସମୟ ଆଥ୍‌ଲେଟିକ, ଫୁଟବଲ, ଭଲିବଲ, କ୍ରିକେଟ ଆଦି ଖେଳ ବେଶ ଉଚ୍ଚକୋଟୀର ହେଉଥିଲା। ଅଶୀ ଦଶକରେ ପ୍ରତିଷ୍ଠା କରିଥିବା ସୋନପୁର ସୂତାକଳରେ କିଛି ଖେଳାଳିମାନେ ଉଚ୍ଚକୋଟୀ ଖେଳ ନେଇ ନିଯୁକ୍ତି ଦିଆ ଯାଇଥିଲା। ଯାହା କ୍ରୀଡ଼ା ବିକାଶ ନେଇ ଏକ ପ୍ରକାର ପୃଷ୍ଠପୋଷକତା ଆରମ୍ଭ ହୋଇଥିଲା। କିନ୍ତୁ ସୂତାକଳ ରୁଗ୍ଣ ହୋଇ ବନ୍ଦ ହୋଇଗଲା। ପରେ କ୍ରୀଡ଼ାରେ ପୃଷ୍ଠପୋଷକତା ଅଭାବ ନେଇ ଯୁବ ସମାଜରେ କ୍ରୀଡା ପ୍ରତି ଆଗ୍ରହ ପ୍ରକାଶ କଲେ ନାହିଁ। ଜିଲ୍ଲା ଆତ୍ମପ୍ରକାଶ ପରେ କ୍ରୀଡା କ୍ଷେତ୍ର ବେଶ ଅବହେଳିତ ରହିଲା ବୋଲି ଅଭିଯୋଗ ହୁଏ। ଏବେ ଅନ୍ତଃରାଜ୍ୟ ଲାଲମୁନି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଅନ୍ତଃରାଜ୍ୟ ରାମଧୂନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଅନ୍ତଃରାଜ୍ୟ ସୁଜନ ନାଗ ଟୁର୍ଣ୍ଣାମେଣ୍ଟ ବେସରକାରୀ ସ୍ତରରେ ଆୟୋଜିତ ହେଉଛି। କିନ୍ତୁ କ୍ରୀଡ଼ା ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜନୈତିକ ନେତୃବୃନ୍ଦ ପୃଷ୍ଠପୋଷକତା ଅଭାବ ରହିଛି। ବିଭିନ୍ନ ଖେଳ ନେଇ ଟ୍ରେନର ନାହାନ୍ତି। କ୍ରିକେଟ ଓ ଫୁଟବଲ ଏକାଡ଼େମୀ ନାହିଁ। ଦୌଡ଼ିବା ଖେଳାଳି ପାଇଁ ଟ୍ରେକ୍ ବ୍ୟବସ୍ଥା ହୋଇ ନାହିଁ। ଏବେ ଯୁବକମାନେ କ୍ରୀଡ଼ାକୁ ନେଇ କ୍ୟାରିୟର କରିବାକୁ ଚାହୁଁଛନ୍ତି। କିନ୍ତୁ ପୃଷ୍ଠପୋଷକତା ଓ ଭିତ୍ତିଭୂମି ଅଭାବ ସହ ଅନୁସାଙ୍ଗିକ ବିକାଶ ହୋଇ ପାରୁନାହିଁ ଓ ତେଣୁ କ୍ରୀଡ଼ା ନେଇ ଯୁବକମାନେ ମୁହଁ ଫେରାଇ ଆଣୁଛନ୍ତି। ଏବେ କେତେକ ଉଦୟମାନ ଯୁବକମାନେ ସଂଗଠିତ ହୋଇ ସୋନପୁର ସହରରେ ବେସରକାରୀ ସ୍ତରରେ ଇନ୍‌ଫିନିଟି ନାମକ ଏକ ସଂଗଠନ କରିଛନ୍ତି। ଏହି ସଂଗଠନ ମାଧ୍ୟମରେ ସାରା ଜିଲ୍ଲା କ୍ରୀଡ଼ା ପ୍ରତି ରୁଚି ତଥା ଆଗ୍ରହ କରିଥିବା ଖେଳାଳିମାନଙ୍କୁ ଶାରୀରିକ ପ୍ରଶିକ୍ଷଣ ଦିଆଯାଉଛି। ଏଠାରେ ଟ୍ରେନିଂ ପାଉଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ତଥା ରାଜ୍ୟ ବାହାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅଧିନସ୍ଥ ଚାକିରି ପାଉଛନ୍ତି। ଏହା ଏକ ବଳିଷ୍ଠ ପଦକ୍ଷେପ ବେସରକାରୀ ସ୍ତରରେ ଉଦ୍ୟମ କରାଯାଉଛି। କିନ୍ତୁ ଜିଲ୍ଲାରେ କ୍ରୀଡ଼ାବିକାଶ ନେଇ ସରକାରୀ ସ୍ତରରେ ଯେଉଁ ଉପଯୁକ୍ତ ପଦକ୍ଷେପ ନେବା କଥା। ତାହା ହୋଇପାରି ନାହିଁ ବୋଲି ପୂର୍ବତନ କ୍ରୀଡ଼ାବିତ୍‌ମାନେ ଅଭିଯୋଗ କରୁଛନ୍ତି।

## ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ବୌଦ୍ଧକୁ ହରାଇ ବରଗଡ଼ ସେମିରେ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଷ୍ଟାଡିୟମ ଠାରେ ବୌଦ୍ଧ ଜିଲ୍ଲା ଫୁଟବଲ୍ ଆସୋସିଏସନ ଦ୍ୱାରା ଆୟୋଜିତ ଓ ଏଆଇଏଫଏଫ ନୂଆଦିଲ୍ଲୀ ଓ ଫାଓ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମର୍ଯ୍ୟାଦାଜନକ ୧୬ତମ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗ୍ରୁପ୍ 'ଏ'ର ଦ୍ୱିତୀୟ ମ୍ୟାଚ୍ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ବରଗଡ଼ ଓ ବୌଦ୍ଧ ଜିଲ୍ଲା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ଅତିଥି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲା, ୪ ନମ୍ବର ଜିଲ୍ଲା-ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ବରିଷ୍ଠ ବିଜେପି ନେତା ଯୁଗଳ କିଶୋର ସାହୁ, ଜିଲ୍ଲା ଫୁଟବଲ ଆସୋସିଏସନର ଉପ ସଭାପତି ସତ୍ୟ ପ୍ରକାଶ ଦାଶ ଯୋଗ



ଦେଇଥିଲେ। ଅତିଥିମାନଙ୍କ ସହିତ ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନର ସଂପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଅତିଥିମାନେ ଉଭୟ ଦଳର ଖେଳାଳିଙ୍କ ସହିତ ପରିଚିତ ହେବାସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଗ୍ରୁପ 'ଏ'ର ଦ୍ୱିତୀୟ ଦିନ ମ୍ୟାଚ୍ ଆରମ୍ଭରୁ ସଂଘର୍ଷ ପୂର୍ଣ୍ଣ ଥିବାବେଳେ ପ୍ରଥମାର୍ଦ୍ଧରେ ୪୨ ମିନିଟରେ ବରଗଡ଼ର ଜର୍ସି ନଂ ୪ ଦୀପକ ଓରାମ ପ୍ରଥମ ଗୋଲ୍ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ପୁଣି ବରଗଡ଼ର ଜର୍ସି ନଂ ୧୦ ସିବ ଖରା ଖେଳର ୪୧ ମିନିଟ ଏବଂ ୫୨ ମିନିଟରେ ବୌଦ୍ଧକୁ ୨ଟି ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ । ଫଳରେ ୩-୦ ଗୋଲ୍‌ରେ ବୌଦ୍ଧକୁ ହରାଇ ବରଗଡ଼ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଏହି ମ୍ୟାଚ୍‌କୁ ମୁଖ୍ୟ ରେଫରୀ ଭାବେ ଜାତୀୟ ରେଫରୀ ତରୁଣ ବିଶ୍ୱାସ ପରିଚାଳନା କରିଥିବାବେଳେ ଲାଇନରେ ଦିଲ୍ଲୀପ କୁମାର ରାଉତ ଓ ଜୀତେନ୍ଦ୍ର ପାତ୍ର ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିଲେ । ଏହି ମ୍ୟାଚ୍‌କୁ ବୌଦ୍ଧ ତଥା ପଡ଼ୋଶୀ ଜିଲ୍ଲା ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଫୁଟବଲପ୍ରେମୀ ଯୋଗ ଦେଇ ଉପଭୋଗ କରିଥିଲେ ।

# 'ସୁରକ୍ଷା ଓ ସ୍ୱାସ୍ଥ୍ୟ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ'

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ୫୪ତମ ସୁରକ୍ଷା ସପ୍ତାହ ପାଳିତ ହୋଉଯାଇଛି। ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନେଇ କମ୍ପାନୀ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗ ଦେଇ ସୁରକ୍ଷା ଶପଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସଚେତନତା ନିମନ୍ତେ ଶ୍ରୀ ମିଶ୍ରଙ୍କ ଦ୍ୱାରା ଏକ ସଚେତନାତା ରଥ ଶୁଭାରମ୍ଭ ହୋଇଯାଇଅଛି। ଏଥିସହିତ କାରଖାନା ପରିସରରେ କର୍ମଚାରୀଙ୍କ ଦ୍ୱାରା ଶୋଭାଯାତ୍ରା ବାହାରି କାରଖାନା ସିସିଆର କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କାରଖାନା ମୁଖ୍ୟ ଶ୍ରୀ ମିଶ୍ର, କର୍ମଚାରୀଙ୍କୁ ସୁରକ୍ଷା ସଂକ୍ରାନ୍ତରେ ସଚେତନତା ସହ ନିଜ କାର୍ଯ୍ୟସ୍ଥଳରେ କିପରି ସୁରକ୍ଷା ନିର୍ଦ୍ଦେଶାବଳୀ ଅନୁପାଳନ କରିବେ ସେନେଇ ମନ୍ତବ୍ୟ ଦେଇଥିଲେ । ଯଦି କାରଖାନା ପରିସରରେ ସୁରକ୍ଷା ସଂକ୍ରାନ୍ତୀୟ ମାର୍ଗଦର୍ଶିକା ପାଳନ ନହୁଏ, କର୍ମଚାରୀ ଉକ୍ତ କାର୍ଯ୍ୟ ନକରି ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ମନା କରିପାରିବେ ବୋଲି ସେ କହିଥିଲେ। କାରଖାନାର ପ୍ରତ୍ୟେକ କର୍ମଚାରୀ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି। ତେବେ କାରଖାନାର ସମସ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଓଡ଼ିଆ ଏବଂ ଇଂରାଜୀରେ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୟ କୁମରା ଏଫଏଚ ମାନବସମ୍ବଳ, ଉତ୍ତମ ଗିରି, ଏଫଏଚ ଅପରେଶନ, ବିଶ୍ୱଜିତ ଜୋବରଦାର ଏଫଏଚ ସେଫଟି ଓ ଫାୟାରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ବିଏ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କଲେ ଅରବିନ୍ଦ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସାମ୍ପ୍ରତିକ ସମାଜରେ ପିତାମାତା ନିଜନିଜର ପୁଅ ଝିଅଙ୍କୁ ପବ୍ଲିକ ସ୍କୁଲ / ଇଂଲିଶ ମିଡିୟମ ସ୍କୁଲରେ ପଢ଼ାଇବା ପାଇଁ ବେଶ ପ୍ରତିଯୋଗିତା ମନଭାବ ଦେଖାଉଛନ୍ତି । ମାତ୍ର ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାଲିଗଞ୍ଜର ନବୀନ ମହାନ୍ତି ଓ ପ୍ରଭାତୀ ପଟ୍ଟନାୟକ ତାଙ୍କ ପୁତ୍ର ଅରବିନ୍ଦ ମହାନ୍ତିଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇଲେ ଓ ନବୀନ ବାବୁ ଯୋଗାଣ ବିଭାଗରେ ଓ ଶ୍ରୀମତୀ ପଟ୍ଟନାୟକ ବେଲଗଡ଼ିଆ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସରକାରୀ ଚାକିରି କରୁଥିଲେହେଁ ନିଜ ସାନ ପୁଅକୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ମନସ୍ଥ କରିଥିଲେ। ବେଲଗଡ଼ିଆ ସ୍କୁଲରୁ ପ୍ରାଥମିକ ଶିକ୍ଷା ହାସଲ କରିବା ପରେ ଏମକେସି ଉଚ୍ଚ ବିଦ୍ୟାଳୟ ଓ



ଏମପିକେ ଜୁନିୟର ମହାବିଦ୍ୟାଳୟରୁ ବିଜ୍ଞାନରେ ଯୁକ୍ତ ଦୁଇ ପାସ୍ କରି ଭୁବନେଶ୍ୱର ସ୍ଥିତ ସିଭି ରମଣରେ ବିଟେକ୍ କରିବା ପରେ ନିଜ ପ୍ରତିଭା ବଳରେ ଜାମସେଦପୁର ସ୍ଥିତ ଟାଟା ଷ୍ଟିଲ୍‌ରେ ଆରମ୍ଭ କଲେ ନିଜର କର୍ମମୟ ଜୀବନ ଓ ତାଙ୍କର କାର୍ଯ୍ୟଶୈଳୀକୁ ଲକ୍ଷ୍ୟ କରି କମ୍ପାନୀ ନିଜ ଖର୍ଚ୍ଚରେ ତାଙ୍କୁ ଏକ୍ସ ଏଲଆରଆଇ ପ୍ରତିଷ୍ଠାନ, ଜାମସେଦ ପୁରରେ ଏମ୍‌ବିଏ ପଢିବା ପାଇଁ ସୁଯୋଗ ଦେଇଥିଲେ। ଅରବିନ୍ଦ କଠିନ ପରିଶ୍ରମ କରି ଶେଷରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଖବର ପାଇ ପରିବାରରେ ଖୁସିର ଲହରୀ ଖେଳିଯିବା ସହ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି ସଫଳତା ଆଜିର ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଦାହରଣ ବୋଲି ତାଙ୍କୁ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଇଥିବା ତତ୍କାଳୀନ ଶିକ୍ଷକ ସୋମନାଥ ସିଂହ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ବେଲଗଡ଼ିଆ ସ୍କୁଲକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ତତ୍କାଳୀନ ଜିଲ୍ଲାପାଳ ସିଟିଏମ୍ ସୁଗୁଣା ମଧ୍ୟ ଅରବିନ୍ଦଙ୍କ ପ୍ରତିଭାକୁ ପରଖି ବେଶ୍ ପ୍ରଶଂସା କରିଥିଲେ।

**ODISHA CONSTRUCTION CORPORATION LTD.** CAD-
(A Govt. of Odisha Undertaking)
Central workshop, Rasulgarh, Bhubaneswar-751010 (Odisha)
Tel-0674-2580107, E-mail: gmoccicws@gmail.com
(GSTIN-21AAACO2571K2ZM)
"e"- Procurement Notice No. 54/OCCL/2024-25 (on-line)

Type of work: Supply of casting items (Wire Rope drum & rope clamp) for 130T Rope Drum Hoist for Spillway Radial gates of Kanupur Irrigation Project (Phase-III)
Total No. of work: 01(One)
Period of Supply : 90 (Ninety) days

| Procurement Officer | Bid Identification No. | EMD through on-line transfer system | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/CWS/20/2024-25 | Rs. 33,000/- | Rs.7,080/- (Non-refundable) | 06.03.2025 10.00 AM to 20.03.2025 5.00 PM | 06.03.2025 10.00AM to 20.03.2025 5.00 PM |

Date of opening of the Technical Bid: 21.03.2025 at 11.30 A.M.
Further details can be seen from the Govt. web-site (www.tendersodisha.gov.in)
Amendment/corrigendum/cancellation, if any shall be posted on-line only
OIPR-34163/11/0055/2425 Sd/- GENERAL MANAGER (MECH.)

## ।।। ମହା ସମାଧାନ କାର୍ଯ୍ୟକ୍ରମ ।।।

# ସରକାରୀ ଯୋଜନାରେ ସାମିଲ ହେଲେ ଯୋଗ୍ୟ ହିତାଧିକାରୀ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଝୁମ୍ପୁରା ବ୍ଲକ, ବସନ୍ତପୁର ଲକ୍ଷ୍ମୀପଡ଼ିଆ ଠାରେ ଏକ ମହା ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହା ସମାଧାନ ଶିବିରରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ହୋଇ ସରକାରଙ୍କ ଜନ ହିତକର ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ବସନ୍ତପୁର, ମଲଦା, କୁଟୁଗାଁ ଏବଂ ନୟାଗଡ଼ ପଞ୍ଚାୟତର ଜନ ସାଧାରଣ ଏହି ମହା ସମାଧାନ ଶିବିରରେ ଯୋଗ ଦେଇ ନିଜ ନିଜ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ସମ୍ପର୍କିତ ଅଭିଯୋଗ





ଦାଖଲ କରିଥିଲେ। ଉପସ୍ଥିତ ଅଧିକାରୀମାନଙ୍କ ଜରିଆରେ ଅଭିଯୋଗ ଗୁଡ଼ିକର ସମାଧାନ କରାଯାଇଥିଲା। ଏହି ମହା ସମାଧାନ ଶିବିରରେ ମୋଟ ୯୮ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୮ ଗୋଟି ରାସ୍ତା, ପାନୀୟଜଳ, ବିଦ୍ୟୁତ୍, ଶିକ୍ଷା ସମ୍ବନ୍ଧିତ ଗୋଷ୍ଠୀ ସମସ୍ୟା/ଗ୍ରାମ ସମସ୍ୟା ମୂଳକ ରହିଥିବାବେଳେ ୮୦ ଗୋଟି ବ୍ୟକ୍ତିଗତ ସମସ୍ୟା ପର୍ଯ୍ୟବେସିତ ରହିଥିଲା। ଏହା ବ୍ୟତୀତ ଶିବିରରେ ଯୋଗ ଦେଇଥିବା ୪ ଗୋଟି ପଞ୍ଚାୟତର ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ମାନଙ୍କୁ ମଧ୍ୟ ବିଭିନ୍ନ ଗୋଷ୍ଠୀ ସମସ୍ୟା ଉତ୍ଥାପନ କରିବା ପାଇଁ ଆହ୍ୱାନ କରାଯାଇ ଥିଲା। ସମାଧାନ ଶିବିରରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଏହି କ୍ରମରେ ୫ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ହୁଇଲ ଚେୟାର ଏବଂ ୨ ଜଣ ଙ୍କୁ ୩ ଚକିଆ ରିକ୍ସା ପ୍ରଦାନ କରାଯାଇଥିବାବେଳେ ୧୫ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା, ୪୮ ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର, ୩୦ ଜଣ ଙ୍କୁ ଅଣ ସଂଗଠିତ ଶ୍ରମିକ ପରିଚୟ ପତ୍ର, ମଧୁବାବୁ ପେନସନ ଯୋଜନାରେ ୨୦ ଜଣ ହିତାଧିକାରୀଙ୍କୁ ଭତ୍ତା, ୧୬ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା, ବନ ବିଭାଗ ପକ୍ଷରୁ ୨୦ ଜଣଙ୍କୁ ଶସ୍ୟ ବାକ୍ସ ଏବଂ ୧୨ ଜଣଙ୍କୁ ଟର୍ଚ୍ଚ ଲାଇଟ, ୧୧ ଜଣଙ୍କୁ ଶୌଚାଳୟ ପାଇଁ କାର୍ଯ୍ୟାଦେଶ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହଯୋଗ ରାଶି ପ୍ରଦାନ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ଜିଲ୍ଲା ଦକ୍ଷତା ଓ ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଝୁମ୍ପୁରା ତହସିଲଦାର ରୋହିତ ବାଗ, ଏସିଏଫ ଅକ୍ଷୟ ଛତ୍ରିଆ ଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଝୁମ୍ପୁରା ବିଡ଼ିଓ ହୃଦାନନ୍ଦ ଅଢା ନୋଡାଲ ଅଧିକାରୀ ଭାବେ ଶିବିର ସଞ୍ଚାଳନ କରିଥିଲେ।

# ଟିପିଏନଓଡିଏଲ ପକ୍ଷରୁ ଲାଇନମେନ ଦିବସ ପାଳିତ : ଗ୍ରାଉଣ୍ଡ ଜିରୋ କର୍ମୀ ସମ୍ମାନିତ

**ବାଲେଶ୍ୱର, ନ୍ୟୁଜ୍**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ପକ୍ଷରୁ ଲାଇନମେନ ଦିବସ ମହା ସମାରୋହରେ ପାଳିତ ହୋଇଛି। ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକଙ୍କ ପୌରୋହିତ୍ୟରେ ଲାଇନମେନ ଦିବସ ବାଲେଶ୍ୱର ଠାରେ ପାଳିତ ହୋଇଥିବାବେଳେ ଜଳେଶ୍ୱରରେ କମର୍ସିଆଲ ମୁଖ୍ୟ ଜୟଦୀପ ରୟ, ଯୋଡ଼ାରେ ଅପରେସନ ମୁଖ୍ୟ ନୀଳେଶ ପୋଟଫଡେ, ସୋରରେ ଇଞ୍ଜିନିୟର ଇନ ଚିଫ୍ ଶରତ ଚନ୍ଦ୍ର ମାହାଳିକ, ଭଦ୍ରକରେ ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚିଫ୍ ଇଞ୍ଜିନିୟର ରାଜୀବ ନାୟକ ପ୍ରମୁଖ ଭିନ୍ନ ଭିନ୍ନ ସ୍ଥାନରେ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲାଇନମେନ ଦିବସର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ




ଆଲୋକପାତ କରି ସିଇଓ ଶ୍ରୀ ବସାକ ଦର୍ଶାଇଥିଲେ ଯେ, ବିଦ୍ୟୁତ ବିତରଣ ସେବା ବିତରଣରେ ଲାଇନମେନ ମାନେ ହେଲେ ପ୍ରମୁଖ ଅଙ୍ଗ। ଉପଭୋକ୍ତାମାନଙ୍କୁ ତୃଣମୂଳ ସ୍ତରରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ଲାଇନମେନ ମାନେ ଗୁରୁଦାୟିତ୍ୱ ବହନ କରନ୍ତି। ସେବା, ସ୍ୱାଭିମାନ ଓ ସୁରକ୍ଷା ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମ ତଥା ଟିପିଏନଓଡ଼ିଏଲର ମୂଳ ଲକ୍ଷ୍ୟ। ଲାଇନମେନଙ୍କ ସାହସ ଓ କର୍ତ୍ତବ୍ୟ ନିଷ୍ଠାକୁ ସମ୍ମାନ ଜଣାଇବା ପାଇଁ ନିରାପତ୍ତା ସପ୍ତାହର ପ୍ରଥମ ଦିନକୁ ଲାଇନମେନ ଦିବସ ଭାବେ ପାଳନ କରାଯାଉଥିବା ସେ କହିଥିଲେ। ବୈଦୁ୍ୟତିକ ଲାଇନରେ କାମ କରିବା ପୂର୍ବରୁ ନିର୍ଦ୍ଧାରିତ ସମସ୍ତ ସୁରକ୍ଷା ପ୍ରାବଧାନକୁ ନିଶ୍ଚିତ ରୂପେ ମାନିବା ସହ ନିଜ ଜୀବନର ସୁରକ୍ଷା ପାଇଁ ସବୁବେଳେ ବିଦ୍ୟୁତ ଯାଞ୍ଚ କରିବାକୁ ସେ ଲାଇନମେନମାନଙ୍କୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ୫୪ତମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଟିପିଏନଓଡ଼ିଏଲ ପକ୍ଷରୁ କର୍ମଚାରୀମାନଙ୍କୁ ସମସ୍ତ ସୁରକ୍ଷା ପ୍ରାବଧାନ ଅନୁସରଣ କରିବାକୁ ପରାମର୍ଶ ଦିଆଯିବା ସହ କୌଣସି ପରିସ୍ଥିତିରେ ମଧ୍ୟ ସୁରକ୍ଷା ମାର୍ଗଦର୍ଶିକାକୁ ଅବମାନନା ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲାଇନମେନ ଦିବସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଟିପିଏନଓଡ଼ିଏଲର ସମସ୍ତ ଡିଭିଜନ ସ୍ତରରେ ଆୟୋଜନ କରାଯାଇଥିବା ବେଳେ ଏଥିରେ ୧୦ ହଜାରରୁ ଅଧିକ ୧୧କେଭି ଓ ୩୩କେଭି ଲାଇନମେନ ଓ ବିଏ ଲାଇନମେନ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଲାଇନମେନ ଦିବସ ପାଇଁ ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର ରାଲି ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ସିଏଫଓ ଶିଲାଦିତ୍ୟ ସେନଗୁପ୍ତା, ମାନବସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବଣିକ, ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ବେହେରା, ଦେବାଶିଷ ପୁହାଣ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଥାଉକି ନିଜର କର୍ମଚାରୀ ମାନଙ୍କୁ ବୈଦ୍ୟୁତିକ କାର୍ଯ୍ୟ କରିବା ପାଇଁ ଜାକେଟ, ହେଲମେଟ, ଜୋତା, ଗ୍ଲୋବ୍ସ, ନିଅନ ଟେଷ୍ଟର, ସେଫଟି ବେଲ୍ଟ, ସିଢି ଆଦି ସମସ୍ତ ସୁରକ୍ଷା ଉପକରଣ ଟିପିଏନଓଡିଏଲ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ଯାହାର ବ୍ୟବହାର ବାଧ୍ୟତାମୂଳକ ଏବଂ ସମସ୍ତ କର୍ମଚାରୀମାନଙ୍କ ସୁରକ୍ଷାକୁ ଟିପିଏନଓଡିଏଲ ଗୁରୁତ୍ୱର ସହ ଗ୍ରହଣ କରିଥାଏ।

ଭୁବନେଶ୍ୱର
୦୬ ମାର୍ଚ୍ଚ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ଭାରତୀୟ ଖାଦ୍ୟନିଗମର ଶ୍ରମିକ ଠିକାଦାରଙ୍କ ଘରେ ସିବିଆଇ ଚଢ଼ଉ

**ଅତାବିରା, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ପରମାଣପୁର ସ୍ଥିତ ଆନ୍ଧ୍ରପଡ଼ାରେ ଜି.ସତ୍ୟନାରାୟଣଙ୍କ ବାସଭବନରେ ସକାଳ ୭ଟାରୁ ସିବିଆଇର ୧୦ ଜଣିଆ ଟିମ୍ ଦୁଇଟି ଗାଡ଼ିରେ ଆସି ଅଚାନକ ଚଢ଼ଉ କରିଛନ୍ତି। ଜି.ସତ୍ୟନାରାୟଣ ଭାରତୀୟ ଖାଦ୍ୟନିଗମରେ ଶ୍ରମିକ ଠିକାଦାର ଭାବେ କାର୍ଯ୍ୟ କରନ୍ତି। ଶ୍ରମିକ ମାନଙ୍କର ପାରିଶ୍ରମିକକୁ ଦେଉ ନ ଥିବା ନେଇ ପୂର୍ବରୁ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଭାରତୀୟ ଖାଦ୍ୟନିଗମର ଶ୍ରମିକ ଠିକାଦାରଙ୍କ ଘରେ ସିବିଆଇ ଚଢ଼ଉ ଜାରି ରହିଛି। ଜି.ସତ୍ୟନାରାୟଣ ଭାରତୀୟ ଖାଦ୍ୟନିଗମରେ ଶ୍ରମିକ ଠିକାଦାର ଭାବେ କାର୍ଯ୍ୟ କରନ୍ତି। ଶ୍ରମିକ ମାନଙ୍କର ପାରିଶ୍ରମିକକୁ ଦେଉନଥିବା ନେଇ ପୂର୍ବରୁ ତାଙ୍କ ନାମରେ ଅଭିଯୋଗ ହୋଇଥିଲା।



ଭୁବନେଶ୍ୱର : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ଫରେଷ୍ଟ ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ କର୍ମୀମାନେ। (ଫଟୋ : ସମ୍ବାଦ କଳିକା)

# ୫ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଳସମ୍ପଦ ବିଭାଗର ବିଭିନ୍ନ ଡ୍ୟାମ୍ ଓ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରି ୫ଟି ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଆୟୋଜିତ ବୈଠକରେ ସୁନ୍ଦରଗଡ଼ ଜିଲ୍ଲାରେ ଇବ୍ ଜଳସେଚନ ପ୍ରକଳ୍ପ, ବରଗଡ଼ ଜିଲ୍ଲାରେ ଅଙ୍ଗ ଜଳସେଚନ ପ୍ରକଳ୍ପ, କେନ୍ଦୁଝର ଜିଲ୍ଲାରେ ଭୀମକୁଣ୍ଡ ବ୍ୟାରେଜ୍ ପ୍ରକଳ୍ପ, ଝାରପଡ଼ା ଜଳସେଚନ ପ୍ରକଳ୍ପ ଓ କାନପୁର ଜଳସେଚନ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଦିନରେ ଏହି ପ୍ରକଳ୍ପଗୁଡ଼ିକ କିପରି ତ୍ୱରାନ୍ୱିତ ହେବ ସେ ନେଇ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ବହୁଦିନ ଧରି ପ୍ରସ୍ତାବିତ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ତେଣୁ ଅଧିକାରୀ ମାନେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସମସ୍ତ ଅଞ୍ଚଳରେ ଚାଷୀ ମାନଙ୍କ ଜଳସେଚନ ସମସ୍ୟା ଦୂର କରିବା ପାଇଁ ବ୍ୟାରେଜ ଏବଂ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ। ଉଭୟ ଖରିଫ୍ ଏବଂ ରବି ଋତୁରେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ ଭାଇଭଉଣୀ ମାନେ ଉପକୃତ ହେବା ଦରକାର। ଏହାସହ ଉକ୍ତ ଅଞ୍ଚଳରେ ଏହି ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ମଧ୍ୟ ବ୍ୟବସ୍ଥିତ କରାଯାଇ ପାରିବ। ବୈଠକରୁ ଜଣାପଡ଼ିଛି ଯେ ଇବ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧,୦୬,୨୭୯ ହେକ୍ଟର, ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦,୦୦୦ ହେକ୍ଟର, ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ୩୧,୮୩୫ ହେକ୍ଟର, ଝାରପଡ଼ା ଜଳସେଚନ ପ୍ରକଳ୍ପ ଦ୍ୱାରା ୧୭,୫୦୦ ହେକ୍ଟର ଓ କାନପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୯,୫୭୮ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆ ଯାଇପାରିବ। ଏହି ୫ଟି ପ୍ରକଳ୍ପ ଦ୍ୱାରା ସମୁଦାୟ ୨,୧୫,୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ। ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶଙ୍ଖ ଭବନରେ ବିଜୁବାବୁଙ୍କ ୧୦୯ତମ ଜୟନ୍ତୀ ପାଳିତ

# ବିଜୁ ବାବୁ ସବୁବେଳେ ଓଡ଼ିଆଙ୍କ ହୃଦୟରେ ରହିବେ : ନବୀନ

**ଭୁବନେଶ୍ୱର, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାବାସୀଙ୍କ ପ୍ରିୟ ନେତା, ମହାନ ଜନନାୟକ ବିଜୁ ବାବୁଙ୍କ ୧୦୯ତମ ଜୟନ୍ତୀ ବୁଧବାର ଶଙ୍ଖ ଭାବନରେ ବିପୁଳ ଉତ୍ସାହରେ ପାଳିତ ହୋଇ ଯାଇଛି। ଏ ଅବସରରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ବିଜୁ ବାବୁ, ଏ ଦୁଇଟି ଶବ୍ଦ ଶୁଣିଲେ ପ୍ରତି ଓଡ଼ିଆଙ୍କ ଛାତି ଗର୍ବରେ ଫୁଲି ଉଠେ। ମନରେ ସାହାସ ଆସେ। ଏବଂ ଆଖି ଆଗରେ ସାହସ ଓ କରୁଣାରେ ପରିପୂର୍ଣ୍ଣ ବିଶାଳ ହୃଦୟ ଥିବା ଟଲ୍ ମ୍ୟାନ୍‌ଙ୍କ ଛବି ଭାସି ଆସେ। ସେ ଥିଲେ ସାଢେ ଚାରି କୋଟି ଓଡ଼ିଆଙ୍କ ବିଶ୍ୱାସର ସ୍ତମ୍ଭ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସରକାର ଆସିବ, ଯିବ। କିନ୍ତୁ ବିଜୁ ବାବୁ ସାଢେ ଚାରି କୋଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି ଓ ରହିଥିବେ। ତାଙ୍କ କାମ ପାଇଁ ଓଡ଼ିଆ ଜାତି ସବୁବେଳେ ଗର୍ବ କରୁଛି ଓ କରୁଥିବ ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ଯୋଗାଉଥିବ। ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ ନ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦୁର୍ଭାଗ୍ୟର କଥା କ୍ଷମତାକୁ ଆସିବାର ଠିକ ପରେ ପରେ ବିଜେପି ସରକାର ବିଜୁ କ୍ରୀଡ଼ା ପୁରସ୍କାରର ନାମ ବଦଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରବଳ ଜନ ପ୍ରତିକ୍ରିୟା ପରେ ନିଷ୍ପତ୍ତିରୁ ଓହରିଲେ। ଏବେ ସେହିପରି ସାରା ରାଜ୍ୟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଯାଉଛି। କିନ୍ତୁ ଅପରାଧୀଙ୍କୁ ଧରିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଗତ ତିରିଶ ବର୍ଷ ହେଲା ୧୯୯୩ ରୁ ଓଡ଼ିଶାବାସୀ ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରି ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଏହି ଦିବସକୁ ଅନ୍ୟ ତାରିଖକୁ ବଦଳାଇବା ପଛରେ ରହସ୍ୟ କ'ଣ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏହାର କଡ଼ା ନିନ୍ଦା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ସରକାର ଯୋଜନା ଓ ପୁରସ୍କାରର ନାମ, ରଙ୍ଗ ପରିବର୍ତ୍ତନ କରିପାରନ୍ତି, ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରିପାରନ୍ତି, ଉତ୍ସବ ତାରିଖ ବଦଳାଇ ପାରନ୍ତି। କିନ୍ତୁ ବିଜୁ ବାବୁଙ୍କ ପ୍ରତି ଥିବା ଲୋକଙ୍କ ଶ୍ରଦ୍ଧା ଓ ଭଲ ପାଇବାକୁ ନେଇଯାଇ ପାରିବେ ନାହିଁ। ବିଜୁ ବାବୁ ଲୋକଙ୍କ ହୃଦୟରେ ଅଛନ୍ତି, ତାଙ୍କୁ ଆପଣ ପରିବର୍ତ୍ତନ କରି ପାରିବେ କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏସବୁ ଘଟଣା ବିଜୁ ବାବୁଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ଭଲ ପାଇବାକୁ ଅଧିକ ନିବିଡ଼ କରିଛି ବୋଲି ସେ କହିଥିଲେ। ପୁରୀ ସ୍ୱର୍ଗଦ୍ୱାରରୁ ବିଜୁ ବାବୁଙ୍କ ସମାଧି ହଟାଯିବା ବିଷୟ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ସ୍ୱର୍ଗଦ୍ୱାରର ପୁନଃବିନ୍ୟାସ ପାଇଁ ବିଜୁ ବାବୁଙ୍କ ସମାଧି ହଟାଇବା ନିମନ୍ତେ ସେ ନିଷ୍ପତ୍ତି ନେଇଥିଲେ। କାରଣ ଇଟା,ସିମେଣ୍ଟ ଓ କଂକ୍ରିଟ ଆବରଣ ଭିତରେ ନୁହେଁ, ବିଜୁ ବାବୁଙ୍କ ସ୍ଥାନ ଓଡ଼ିଶା ବାସୀଙ୍କ ହୃଦୟରେ। ପଞ୍ଚାୟତିରାଜ ଦିବସ ପାଳନ ମାର୍ଚ୍ଚ ୫ ପରିବର୍ତ୍ତେ ଅନ୍ୟ ତାରିଖକୁ ଘୁଞ୍ଚାଇବାକୁ ନିନ୍ଦା କରି ଶ୍ରୀ ପଟ୍ଟନାୟକ ସରକାର ଙ୍କୁ ପ୍ରଶ୍ନ କରିଛନ୍ତି ଯେ ଏହା କ'ଣ ବିଜୁ ବାବୁଙ୍କ ଲିଗାସିକୁ ଲିଭାଇବାକୁ ଏକ ଉଦ୍ୟମ କି ?



## ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସୁଭଦ୍ରା ଶୋଭାଯାତ୍ରା

**ଭୁବନେଶ୍ୱର, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**




ବୁଧବାର ସକାଳୁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସୁଭଦ୍ରା ରାଲିର ଆୟୋଜନ କରାଯାଇଛି। ରାଜଧାନୀରେ ଆୟୋଜିତ ସୁଭଦ୍ରା ଶୋଭାଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂ ଓ ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖଣ୍ଡଗିରିରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି, କଥା ଦେଇ କଥା ରଖିଥିବା ସରକାରଙ୍କୁ ଧନ୍ୟବାଦ। ଏବେ ଘରେ ବି ଚଳିବ ଡବଲ ଇଞ୍ଜିନ। ଉଭୟ ପୁରୁଷ ଓ ମହିଳା ଏବେ ରୋଜଗାର କରିବେ। ମହିଳାମାନଙ୍କୁ ଓଡ଼ିଶାର ବିଜେପି ସରକାର ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣେ ଏଥିରେ ସାମିଲ ହୋଇଥିବା ମହିଳାମାନେ ମୋହନ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ମହିଳାମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟରେ ହୋଇଥିବା ସୁଭଦ୍ରା ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ମାଧ୍ୟମରେ କଥା ଦେଇ କଥା ରଖିଥିବା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ମହିଳା। ଆଜିଠୁ ରାଜ୍ୟର ସବୁ ପଞ୍ଚାୟତରେ ହେବ ସୁଭଦ୍ରା ରାଲି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଛାତ୍ରୀ ଏହି ରାଲିରେ ସାମିଲ ହେବେ। ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ପର୍ଯ୍ୟନ୍ତ ଏହି ରାଲି ଚାଲିବ। ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ଆଧାରରେ ଏହି ରାଲି ଅନୁଷ୍ଠିତ ହେଉଛି। ରାଜ୍ୟର ୬ ହଜାର ୪୯୪ଟି ସ୍ଥାନରେ ସୁଭଦ୍ରା ରାଲିର ଆୟୋଜନ କରାଯାଇଛି। ସୁଭଦ୍ରା ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ପଥପ୍ରାନ୍ତ ସଭାର ମଧ୍ୟ ଆୟୋଜନ କରାଯିବ। ଯୋଜନାକୁ ବ୍ୟାପକ କରିବାକୁ ଲକ୍ଷ୍ୟ ରହିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ସରକାରଙ୍କ ସତ୍ୟପାଠ

# 'ରତ୍ନଭଣ୍ଡାର ଚାବି ହଜିବା ନେଇ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ବାଧ ନୁହନ୍ତି'

**କଟକ, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲା ନୂଆ ମୋଡ଼ ନେଇଛି। ହାଇକୋର୍ଟରେ ପହଞ୍ଚିଲା ମାମଲା। ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ମାମଲାରେ ବୁଧବାର ଉଚ୍ଚତମ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର। ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟରେ ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ସରକାର ଉତ୍ତର ରଖିଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ମାନିବା କିମ୍ବା ସାର୍ବଜନୀନ କରିବାକୁ ସରକାର ବାଧ ନୁହନ୍ତି ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହପରି କମିଶନଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବାକୁ ମଧ୍ୟ ସରକାର ବାଧ ନୁହନ୍ତି ବୋଲି କୋର୍ଟକୁ ଜଣାଇଛନ୍ତି ସରକାର। ଅନ୍ୟପଟେ କାହିଁକି ସରକାର ରିପୋର୍ଟ ସାର୍ବଜନୀନ କରିବାକୁ ବାଧ ନୁହନ୍ତି ତାହା ଆଗାମୀ ତାରିଖରେ ଶୁଣାଣି ହେବ। ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଶ୍ରୀମନ୍ଦିର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ କୋର୍ଟଙ୍କୁ ଜଣାଇଥିଲେ ଯେ ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ କେବେ ସାର୍ବଜନୀନ କରାଯିବ ସେନେଇ କୌଣସି ଜବାବ ଦାଖଲ କରୁନାହାନ୍ତି। ସରକାର ବାରମ୍ବାର ସମୟ ନେଇ ଚାଲିଛନ୍ତି। ଏହି ମାମଲାରେ କୋର୍ଟ ଶୁଣାଣି କରି କେବେ ଏହାର ଜବାବ ରଖିବେ ସେନେଇ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାୟର କରାଯାଇଥିବା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ସେକ୍ସନ ୩(୪) ତଦନ୍ତ କମିଶନ ୧୯୫୨ ଧାରାକୁ ପାଳନ କରିବା, ରତ୍ନଭଣ୍ଡାରରେ ଥିବା ସାମଗ୍ରୀଗୁଡିକର ଯାଞ୍ଚ କରିବା ଏବଂ ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଏଏସଆଇକୁ ଦାୟିତ୍ୱ ଦିଆଯିବା ଭଳି ୩ଟି ପ୍ରସଙ୍ଗକୁ ନେଇ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଆବେଦନକାରୀ ଆବେଦନରେ ଦର୍ଶାଇଛନ୍ତି ଯେ ୨୦୧୮ ଜୁନ ୬ ମସିହାରେ ଜଷ୍ଟିସ ରଘୁବୀର ଦାସ କମିଶନ ଗଠନ କରାଯାଇଥିଲା। ନଭେମ୍ବର ୨୯, ୨୦୧୮ ତାରିଖରେ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିଥିଲେ। ମାତ୍ର ଏହି ରିପୋର୍ଟ ସାର୍ବଜନୀନ କରାଯାଇନାହିଁ। ସେକ୍ସନ ୩(୪)କୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି ବୋଲି ଆବେଦନକାରୀ କୋର୍ଟଙ୍କୁ ଅବଗତ କରିଛନ୍ତି। ଏହି ନିୟମ ଅନୁଯାୟୀ ତଦନ୍ତ କମିଶନଙ୍କ ରିପୋର୍ଟ ଦାଖଲ ହେବାର ୬ ମାସ ମଧ୍ୟରେ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିବା କଥା। ମାତ୍ର ଏହାକୁ ଉଲ୍ଲଂଘନ କରିଛନ୍ତି ସରକାର। ସେହିପରି ରତ୍ନଭଣ୍ଡାରର ସ୍ଥିତି କିପରି ରହିଛି, କେତେ ରତ୍ନ ରହିଛି ଏବଂ ସେଗୁଡ଼ିକ କେଉଁ ଅବସ୍ଥାରେ ରହିଛି ସେଗୁଡ଼ିକ ମଧ୍ୟ ଯାଞ୍ଚ କରାଯାଇନାହିଁ। ୧୯୭୮ ମସିହାରୁ ସେଗୁଡିକର ଯାଞ୍ଚ କରାଯାଇ ନାହିଁ। ତେବେ ସେଗୁଡ଼ିକ ଯାଞ୍ଚ କରିବାକୁ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି। କେବଳ ସେତିକି ନୁହେଁ ରତ୍ନଭଣ୍ଡାରର ଅବସ୍ଥା ଅତି ଦୁର୍ବଳ ଅବସ୍ଥାରେ ରହିଛି। ଖରା ଦିନରେ ବି ସେଥିରୁ ପାଣି ବାହାରୁଛି। ତେବେ ତାହାର ରକ୍ଷଣାବେକ୍ଷଣ ପାଇଁ ଏଏସଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ହାଇକୋର୍ଟରେ ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ ପ୍ରସଙ୍ଗରେ ପୂର୍ବରୁ ସମୟ ନେଇଥିଲେ ସରକାର। କମିଶନଙ୍କ ରିପୋର୍ଟ ପ୍ରସଙ୍ଗରେ ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଦାଖଲ ପାଇଁ ୩ ସପ୍ତାହ ସମୟ ନେଇଥିଲେ ସରକାର।



## ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଗମୋହନ ମୀନା

**ଭୁବନେଶ୍ୱର, ୦୫।୦୩:ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ନୂଆ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଗମୋହନ ମୀନା। ସେ ପୁଲିସ କମିଶନରଙ୍କ ଉପସ୍ଥିତିରେ ପିନାକ ମିଶ୍ରଙ୍କ ଠାରୁ ଏହି ଦାୟିତ୍ୱ ନେଇଛନ୍ତି। ୨୦୨୪ ସେପ୍ଟେମ୍ବରରେ ଭୁବନେଶ୍ୱରକୁ ଆସିଥିଲେ ନୂଆ ଡିସିପି। ୨୦୧୪ ବ୍ୟାଚ୍ ଆଇପିଏସ ପ୍ରତୀକ ସିଂଙ୍କ ସ୍ଥାନରେ ୨୦୧୧ ବ୍ୟାଚ୍ ଆଇପିଏସ ପିନାକ ମିଶ୍ର ଏହି ପଦବୀରେ ଅବସ୍ଥାପିତ ହୋଇଥିଲେ। କିନ୍ତୁ ମାତ୍ର ୫ମାସ ପରେ ପିନାକ ମିଶ୍ରଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍ ଆଇପିଏସ ତଥା କଟକ ଡିସିପି ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଦାୟିତ୍ୱ ଦିଆଯାଇଛି। ରାଜଧାନୀର ଆଇନଶୃଙ୍ଖଳା ଠାରୁ ଆରମ୍ଭ କରି ଟ୍ରାଫିକ ସମସ୍ୟା, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଭିଭିଆଇପି ସୁରକ୍ଷା ଆଦି ପ୍ରସଙ୍ଗ ନୂଆ ଡିସିପିଙ୍କ ପାଇଁ ବଡ଼ ଆହ୍ୱାନ ହେବ। ରାଜଧାନୀରେ ଭିଭିଆଇପି ସୁରକ୍ଷା ଓ ବିଭିନ୍ନ ରାଜନୈତିକ ଦଳର ବିକ୍ଷୋଭ ଆଦିକୁ ସମ୍ଭାଳିବା ମଧ୍ୟ ନୂଆ ଡିସିପିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।



## ପୁଣି ମୋ' ବସ ଦୁର୍ଘଟଣା ବାଇକ ଆରୋହୀ ଗୁରୁତର

**କଟକ, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**

କଟକ ପୁରୀଘାଟରୁ ଖାନନଗର ଆସୁଥିବା ମୋ' ବସ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ସିଟି କଲେଜ ରିଂରୋଡ୍‌ରେ ମୋ ବସ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ଗୁରୁତର ବାଇକ ଆରୋହୀଙ୍କୁ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ମୋ' ବସ ଡ୍ରାଇଭରକୁ ପୁଲିସ ଅଟକ ରଖି ପଚରାଉଚୁରା ଜାରି ରଖିଛି। ମୋ'ବସ ଦୁର୍ଘଟଣା ଘଟାଇବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସମୟ ଧରି ଯାନବାହନ ଅଟକି ରହିଥିଲା।

# ଫୁଲୁଛି ସମୁଦ୍ର : ଭିତରକନିକା ଉପରେ ସଂକଟ

**ଭୁବନେଶ୍ୱର, ୦୫।୦୩**
**ନ୍ୟୁଜ୍‌ବ୍ୟୁରୋ**



ଭୟଙ୍କର ରୂପ ନେଉଛି ଜଳବାୟୁ ପରିବର୍ତ୍ତନ। ଯାହାର ସିଧାସଳଖ ପ୍ରଭାବ ପଡୁଛି ସମୁଦ୍ରର ଜଳସ୍ତର ଉପରେ। ଗ୍ଲୋବାଲ୍ ୱାର୍ମିଂ ଫଳରେ ମେରୁରେ ଗଚ୍ଛିତ ବରଫ ତରଳିବା ଫଳରେ ବଢୁଛି ସମୁଦ୍ରର ଜଳପତ୍ତନ। ଆଉ ଆଁ କରି ସମୁଦ୍ରର ଜଳରାଶି ମାଡ଼ି ଆସୁଛି ଗାଁ ଗଣ୍ଡା ଆଡ଼କୁ। ଦିନେ ସମୁଦ୍ରଠାରୁ ୩ରୁ ୫ କିଲୋମିଟର ଦୂରରେ ଥିବା ସେ ଅଞ୍ଚଳ ଏବେ ଜଳସମାଧି ନେବାକୁ ବସିଛି। ଆଉ ଯା ଭିତରେ ଆହୁରି ଡରାଇଦେବା ଭଳି ରିପୋର୍ଟ ପ୍ରକାଶ କରିଛି ଆମେରିକାର ନ୍ୟୁଜର୍ସି ସ୍ଥିତ ବିଜ୍ଞାନ ପତ୍ରିକା କ୍ଲାଇମେଟ୍ ସେଣ୍ଟ୍ରାଲ୍ ଯାହାର ରିପୋର୍ଟରେ କରାଯାଇଛି ଭୟଙ୍କର ଆକଳନ। ରାଜ୍ୟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ଆକ୍ସନ୍ ପ୍ଲାନ୍ ରିପୋର୍ଟରେ ଏହି ତଥ୍ୟର ଉଲ୍ଲେଖ କରାଯାଇଛି। ଏଭଳି ହେଲେ ଭିତରକନିକା ଜାତୀୟ ଉଦ୍ୟାନ ସହ କେନ୍ଦ୍ରାପଡ଼ା ରାଜନଗରର ବହୁ ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇଯିବ। କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଓଡ଼ିଶାର ସାତଭାୟା ଅଞ୍ଚଳରେ ସମୁଦ୍ର ୪ ବର୍ଗ କିମି ବେଳଭୂମିକୁ ଗିଳି ଦେଇଛି। ଅର୍ଥାତ୍ ସମୁଦ୍ର କୂଳ ସମାନ୍ତରାଳ ଭାବେ ୪ କିମି ଖାଇଥିବାବେଳେ ଭିତରକୁ ପ୍ରାୟ ୧ କିମି ଯାଏଁ ମାଡ଼ି ଯାଇଛି। ପେଣ୍ଠ ଅଞ୍ଚଳରେ ୬ ବର୍ଗ କିମିକୁ ମାଡ଼ି ଯାଇଛି ସମୁଦ୍ର। ଏହାବାଦ୍ ସାତଭାୟାରେ ସମୁଦ୍ର କୂଳ ମାଡ଼ିଯିବା ଦ୍ୱାରା ସେଠାକାର ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ବାଧ ହୋଇଛନ୍ତି ସରକାର। ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି ସମୁଦ୍ର ଜଳପତ୍ତନ ୭ ଫୁଟ୍ ବୃଦ୍ଧି ହେଲେ ଓଡ଼ିଶାର ୧୪୦ କିମି ବେଳାଭୂମି ସହ ରାଜ୍ୟର ୨୫.୬% ବେଳାଭୂମି ବିପଦରେ ପଡ଼ିବ। ଓଡ଼ିଶାର ପ୍ରାୟ ୨୫.୬% ବେଳାଭୂମିରେ ସମୁଦ୍ର କୂଳ ଲଙ୍ଘୁଛି। ୧୪୦.୭ କିମି ବେଳାଭୂମିରେ ସମୁଦ୍ର ମାଡ଼ିବାରେ ଲାଗିଛି। ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନ୍‌ସିସିଆର) ରିପୋର୍ଟକୁ ଆଧାର କରି ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି। ଗବେଷଣା ଅନୁସାରେ ପ୍ରାୟ ୩୦ ବର୍ଷ ଭିତରେ କେନ୍ଦ୍ରାପଡ଼ା, ଗଞ୍ଜାମ, ପୁରୀ, ଜଗତସିଂହପୁର, , ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଉପକୂଳ ଅଞ୍ଚଳ ପାଇଁ ସମୁଦ୍ର ଜଳପ୍ଲାବନର ବଡ଼ ଆଶଙ୍କା ରହିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିବ। ଏହିପରି ସମୁଦ୍ର କୂଳ ଲଙ୍ଘିଚାଲିଲେ ଦିନ ଆସିବ ବିଶ୍ୱ ଐତିହ୍ୟ ଭିତରକନିକା ଦିନେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

## କଳାଧନ ତଦନ୍ତ ମାମଲା: ମାର୍ଚ୍ଚ ୮ରେ କଟକରେ ବସିବ ଏସ୍ଆଇଟି ବୈଠକ

**କଟକ, ୦୫।୦୩:ନ୍ୟୁଜ୍‌ବ୍ୟୁରୋ**

ଦେଶରେ କାରବାର ହେଉଥିବା କଳାଧନ ଠାବ ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ କମିଟି (ଏସ୍ଆଇଟି)ର ବୈଠକ ଆସନ୍ତା ୮ ତାରିଖରେ କଟକରେ ଅନୁଷ୍ଠିତ ହେବ। ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଏସ୍ଆଇଟି ଉପାଧକ୍ଷ ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧକ୍ଷତାରେ ତେଲେଙ୍ଗା ବଜାରସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଦଶମ ବୈଠକ ବସିବ। ଦେଶରେ ବର୍ତ୍ତମାନ ଅନଲାଇନ୍ ଜୁଆ, ଟ୍ରେଡିଂ କ୍ଷେତ୍ରରେ କଳାଧନ କାରବାର ହେଉଥିବା ବେଳେ ଏହା ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏହି ବୈଠକରେ ଇଡି, ସିବିଡିଟି, ଆୟକର ବିଭାଗ, ଏନସିବି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ତଦନ୍ତକାରୀ ସଂସ୍ଥା ସାମିଲ ହେବେ ବୋଲି ଜଣାପଡିଛି।

